ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ

# ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ

ଆଠମଲ୍ଲିକ, ୨୫ ।୨(ସମିସ): ଅନୁଗୋଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ଉପଖଣ୍ଡ ମାଧପୁରସ୍ଥିତ ଡାକ ବଙ୍ଗଳାଠାରେ ବିଜୁ ଜନତା ଦଳର ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ବଇଣ୍ଡା ଠାରେ ପହଞ୍ଚିବା ପରେ ତାଙ୍କୁ ଦଳ ତରଫରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ସେଠାରୁ କାରସୋ କରି ଆଠମଲ୍ଲିକର ଗାନ୍ଧୀ ଛକଠାରେ ପହଞ୍ଚିଥିଲେ। ସେଠାରେ ଏନଏସି ଚେୟାରମ୍ୟାନ ଆଶା କୁମାରୀ ସାହୁଙ୍କ ନେତୃତ୍ୱରେ ବହୁ ବିଜେଡି କର୍ମୀ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଢୋଲ ବାଦ୍ୟ ବଜାଇ ଶ୍ରୀ ଦାସଙ୍କୁ ପାଛୋଟି ଅଣାଯାଇଥିଲା। ଶ୍ରୀ ଦାସ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତା ପରେ ମାଧପୁର ସ୍ଥିତ ଡାକ ବଙ୍ଗଳାରେ ନିର୍ବାଚନ ମଣ୍ଡଳୀସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନା ବିଷୟରେ କର୍ମୀମାନଙ୍କୁ ଜଣାଇଥିଲେ। ତୃଣମୂଳ ସ୍ତରରୁ ସଂଗଠନକୁ ମଜଭୂତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ, ପର୍ଯ୍ୟବେକ୍ଷକ କୁନ ବିହାରୀ ଦାଶ, ପର୍ଯ୍ୟବେକ୍ଷକ ସସ୍ମିତା ନାଏକ, ବାବୁ ଖାଁ ମଞ୍ଚାସୀନ ଥିଲେ। ଏହି କର୍ମୀ ସମ୍ମିଳନୀରେ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ତତ୍ ସହିତ ଏକ ମିଶ୍ରଣ ପର୍ବ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଦାସ ନୂତନ ଭାବେ ମିଶିଥିବା ବିଜେଡି କର୍ମୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି କର୍ମୀ ସମ୍ମିଳନୀରେ ଅନୁଗୋଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବବିତା ପ୍ରଧାନ, ଆଠମଲ୍ଲିକ ଏନଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଆଠମଲ୍ଲିକ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ରାଉଳ, ଆଠମଲ୍ଲିକର ବିଜେଡି ନେତା ଚିତ୍ତରଞ୍ଜନ କର୍ଣ୍ଣ, ଯୁବ ସଂଗଠକ ମହେନ୍ଦ୍ର କୁମାର ସାହୁ, ଜିତେନ୍ଦ୍ର କୁମାର ସାହୁ, କୁମୁଦ ଚନ୍ଦ୍ର ପ୍ରଧାନ, ଅରୁଣି ଆଚାର୍ଯ୍ୟ, ରାମଚନ୍ଦ୍ର ମହାକୁଡ଼, ସୁରେନ୍ଦ୍ର ମହାଲିକ, ହିମାଂଶୁ ଶେଖର ପ୍ରଧାନ, ଦୁଃଖିଶ୍ୟାମ ରାଉଳ, ଅଜିତ ଆଚାର୍ଯ୍ୟଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



● କଣିହାଁ ବ୍ଲକରୁ କୋଶଳକୁ ସଂଯୋଗ ଲାଗି ରାସ୍ତା ନିର୍ମାଣ

# ୭ କୋଟି ୫୦ ଲକ୍ଷ ପ୍ରକଳ୍ପର ଭୂମି ପୂଜନ

କଣିହାଁ, ୨୫ ।୨(ସମିସ): ଅନୁଗୁଳ ଜିଲ୍ଲା ତାଳଚେର ଗ୍ରାମ୍ୟ ଉନ୍ନୟନ ବିଭାଗର କଣିହା ବ୍ଲକସ୍ଥିତ ବଡ଼ତ୍ରିବିଡକ୍ଷ ପଞ୍ଚାୟତ ଅନ୍ତର୍ଗତ ହରିଚନ୍ଦନପୁର ଗ୍ରାମ ଠାରୁ ବରିହାପୁରରୁ କୋଶଳକୁ ସଂଯୋଗ କରୁଥିବା ରାସ୍ତା ସଂପ୍ରସାରଣ ଓ ଦୋହରୀକରଣ ଲାଗି ଭୂମିପୂଜନ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ସେବା ସମବାୟ ବ୍ୟାଙ୍କର ସଭାପତି ସନ୍ତୋଷ କୁମାର ପ୍ରଧାନ, ଅନ୍ୟତମ ଅତିଥିଭାବେ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ କୁମାର ସାହୁ, ସାଂସଦ ଙ୍କ ପ୍ରତିନିଧି ନିର୍ମଳ ସାହୁ, ଉପଖଣ୍ଡ ସହକାରୀଯନ୍ତ୍ରୀ ମୋନାଲିସା ମହାନ୍ତ, କନିଷ୍ଠ ଯନ୍ତ୍ରୀ ଟିକନ ନାୟକ, ସରପଞ୍ଚ ଶାନ୍ତନୁ କୁମାର ପ୍ରଧାନ, ସମିତ ସଭ୍ୟ କିଶୋରୀ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ରାସ୍ତା ନିର୍ମାଣ ପାଇଁ ୨୦୨୪/୨୦୨୫ ଆର୍ଥିକ ବର୍ଷର ବ୍ୟୟ ଅଟକଳ ୭ କୋଟି ୫୦ ଲକ୍ଷ ଟଙ୍କାର ହୋଇଥିବା ବେଳେ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଶେଷ କରିବାକୁ ବିଧାୟକ ଶ୍ରୀ ପ୍ରଧାନ ବିଭାଗ ଅଧିକାରୀ ଓ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରାସ୍ତାଟି ସଂପ୍ରସାରଣ ଓ ଉନ୍ନତିକରଣ ହେଲେ କଣିହା ବ୍ଲକର ଜୋନ ୯ ର ସମସ୍ତ ପଞ୍ଚାୟତ ଜନସାଧାରଣ ଗମନାଗମନ ସହିତ କୋଶଳ ଅଞ୍ଚଳର ପନିପରିବା ବ୍ୟବସାୟ କ୍ଷେତ୍ରରେ କଣିହା, ଏନଟିପିସି ବଜାର ସହିତ ପ୍ରତ୍ୟକ୍ଷ ଭାବେ ଯୋଡ଼ି ହେବ। ଏହି କାର୍ଯ୍ୟକ୍ରମରେ ଯୁବ ନେତା ସୁନୀଲ କୁମାର ପ୍ରଧାନ, ହରିଚନ୍ଦନପୁର ଗ୍ରାମ ସଭାପତି ଧନଞ୍ଜୟ ସାହୁ, ସମ୍ପାଦକ କେଶବ ଚନ୍ଦ୍ର ସାହୁ, ସରଧାପୁର ଗ୍ରାମ ୱାର୍ଡ଼ ସଭ୍ୟ ଲୋଚନ ସାହୁ, ଜାମୁଯୋଡି ଗ୍ରାମ ସଭାପତି ସୁଦର୍ଶନ ବେହେରା, ଜିତୁ ପ୍ରଧାନ, ବରିହାପୁର ଗ୍ରାମ ସଭାପତି ମଦନ ମୋହନ ସାହୁ, ସମ୍ପାଦକ ଫକୀର ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



# ମହାରାଜା ସୋମନାଥସିଂହ ଜଗଦେବ ସ୍ମୃତି କମିଟି ପକ୍ଷରୁ ପୁସ୍ତକ ଉନ୍ମୋଚନ

ଅନୁଗୋଳ, ୨୫ ।୨(ସମିସ): ଅନୁଗୋଳର ମହାରାଜା ସୋମନାଥସିଂହ ଜଗଦେବ ସ୍ମୃତି କମିଟି ପକ୍ଷରୁ ଏକ ପୁସ୍ତକ ଉନ୍ମୋଚନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଜିଲ୍ଲାପାଳ ହେମନ୍ତ କୁମାର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତାଭାବେ ପ୍ରଫେସର ନାରାୟଣ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଓ ପ୍ରଭାସ ସାହୁ ପ୍ରମୁଖ ଯୋଗଦେଇଥିଲେ। ତାଳଚେର ରାଜାଙ୍କ ରାଜଗୁରୁଗୋବିନ୍ଦ ରାଜଗୁରୁ ଏହି 'ଅନୁଗୋଳ ଇତିହାସ' ପୁସ୍ତକ ରଚନା କରିଛନ୍ତି। ଏଥରେ ରାଜା ରାଜୁଡ଼ା ଅମଳରେ ଅନୁଗୋଳର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଚିତ୍ର କିପରି ଥିଲା ତାହାର ବର୍ଣ୍ଣନା କରାଯାଇଛି। ଡ. ଧରଣୀଧରନାଥ ମଞ୍ଚ ପରିଚାଳନା କରିଥିଲା ବେଳେ କମିଟି ସମ୍ପାଦକ ବନବିହାରୀ ପଟ୍ଟନାୟକ, କୋଷାଧ୍ୟକ୍ଷ ହେମନ୍ତ କୁମାର ଦାସ, ରାଜକିଶୋର ଦାସ, ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ପ୍ରାଧ୍ୟାପକ କୁମୁଦଚନ୍ଦ୍ର ଦାଶ, ତୀର୍ଥବାସୀ ସାହୁ, ଅକ୍ଷୟ ସିଂହ, ପାବକ ଗଡ଼ନାୟକ, ସୁକାନ୍ତି ଦାସ, ସ୍ନେହଲତା ସିଂହ, ଶରତ ମାଝି, ପ୍ରଭାକର ସ୍ୱାଇଁ, ପ୍ରାଣବନ୍ଧୁ ମୁଦୁଲି, ଡ. ସତ୍ୟନାରାୟଣ ସିଂହ ସାମନ୍ତ, ପୂର୍ଣ୍ଣଚନ୍ଦ୍ର ରାଉତ, ବ୍ରଜବନ୍ଧୁ ସାହୁ, କାଳୀଚରଣ, ପ୍ରଦୀପ ପ୍ରଧାନ, ପ୍ରାଧ୍ୟାପକ କୁଳମଣି ନାୟକ, ଶୈଳବାଳା ମିଶ୍ର, ବସନ୍ତ ଦାସ, ରବିନାରାୟଣ ଧର, ବିଷ୍ଣୁଚରଣ ସାହୁ, ଦୀପକ ସାହୁ, ହଳଧର ରାଜଗୁରୁଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



# ଟାୟାର ଚୋରି ଅଭିଯୋଗରେ ଜଣେ ଅଟକ

ଛେଣ୍ଡିପଦା, ୨୫।୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଛକରେ ଥିବା ଟାୟାର ମରାମତି ଦୋକାନ ମାଲିକଙ୍କର ବୁଧବାର ବିଳମ୍ବିତ ରାତିରେ ୩୧ଟି ଟାୟାର ଚୋରି ହୋଇଥିବା ନେଇ ଶନିବାର ଥାନାରେ ଅଭଯୋଗ ହୋଇଛି। ଏ ନେଇ ପୁଲିସ ଜଣଙ୍କୁ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ଏନେଇ ଦୋକାନ ମାଲିକ ଗଗନ ବିହାରୀ ସାହୁ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଛେଣ୍ଡିପଦା ଥାନା କେସ ନଂ ୮୬/୨୪ରେ ଏକ ମାମଲା ରୁଜୁକରି ପୁଲିସ ଘଟଣାର ତଦନ୍ତ ଚଳାଇଛି।

# ପୂର୍ବଶତ୍ରୁତାରୁ ଆକ୍ରମଣ; ୧୨ରୁ ଊର୍ଦ୍ଧ୍ୱ ଆହତ

ଅନୁଗୋଳ ୨୫ ।୨(ସମିସ): ବଣ୍ଟରପାଳ ଥାନାର ଗଡ଼ ବୁଢ଼ାପଙ୍କ ଗ୍ରାମ ପଞ୍ଚାୟତର ପନ୍ଦର ଭରଣୀଆ ଗ୍ରାମରେ ପୂର୍ବଶତ୍ରୁତାକୁ ନେଇ ଗୋଟିଏ ପରିବାରକୁ ଆକ୍ରମଣ ନେଇ ଥାନାରେ ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଏସଡିପିଓଙ୍କ ସହ ବଣ୍ଟରପାଳ ଥାନାର ସମସ୍ତ ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ପରିବାରଙ୍କ ସୂଚନା ଅନୁଯାୟୀ ପ୍ରାୟ ୮ ମାସ ହେବ ପାଣି ସମସ୍ୟାକୁ ନେଇ ଗ୍ରାମରେ ଝଗଡ଼ା ହୋଇଥିଲା। ଏହି ଘଟଣାକୁ ନେଇ ଗ୍ରାମରେ ଏକ ବୈଠକ ବସିଥିଲା, ଯେଉଁଥିରେ ପରିବାରବର୍ଗଙ୍କୁ ବାସନ୍ଦ କରାଯାଇଥିଲା। ବାସନ୍ଦ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗ୍ରାମରେ ଅଗ୍ନି ଉତ୍ସବ ପାଳନ ନେଇ ଗ୍ରାମରେ ଲୋକେ ପୂଜା ମଣ୍ଡପରେ ଏକାଠି ହୋଇଥିଲେ। କୌଣସି ଏକ କାରଣକୁ ନେଇ ଗ୍ରାମର ଭୁତିଆ ପରିବାର ସହିତ ବଚସା ହେବା ପରେ ଗ୍ରାମର କିଛି ମହିଳା ଏବଂ ପୁରୁଷ ଭୁତିଆ ପରିବାର ସଦସ୍ୟଙ୍କୁ ବିଭିନ୍ନ ମାରଣାସ୍ତ୍ର ଧରି ଆକ୍ରମଣ କରିଥିଲେ। ଫଳରେ ଭୁତିଆ ପରିବାରର ପ୍ରାୟ ୧୨ ଜଣରୁ ଅଧିକ ସଦସ୍ୟ ଆହତ ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ୪ ଜଣ ସାମଲ କେୟାର ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ଅନ୍ୟମାନଙ୍କୁ ପ୍ରଥମେ ବଣ୍ଟରପାଳ ସରକାରୀ ମେଡିକାଲରେ ପ୍ରାଥମିକ ଚିକିତ୍ସା କରାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷ ଆସି ଲିଖିତ ଅଭିଯୋଗ କରିଛନ୍ତି କି ଗ୍ରାମରେ ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଭୁତିଆ ପରିବାର ପ୍ରତିବାଦ କରିବା ସହ ଗ୍ରାମର ମହିଳା ସଭାପତିଙ୍କୁ ଆକ୍ରମଣ କରି ଉଲଗ୍ନ କରିବାକୁ ଚେଷ୍ଟା କରିଥିଲେ। ଯାହାଦ୍ୱାରା ଦୁଇ ପକ୍ଷ ମଧ୍ୟରେ ବଚସା ଓ ହାତାହାତି ହୋଇ କିଛି ବ୍ୟକ୍ତି ଗୁରୁତର ହୋଇଥିଲେ। ତେବେ ଘଟଣାସ୍ଥଳରେ ଏସଡିପିଓ ରମାକାନ୍ତ ମହାଲିକଙ୍କ ନେତୃତ୍ୱରେ ବଣ୍ଟରପାଳ ପୁଲିସ ସଦଳବଳ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।



# ଦିବାକର ପ୍ରଧାନ ସ୍ମାରକୀ କ୍ରିକେଟ: ଅରାହାଟ ଚାମ୍ପିଅନ

ଅନୁଗୋଳ, ୨୫ ।୨(ସମିସ): ତୁଳସୀପାଳ ପଞ୍ଚାୟତର ଗୋଡ଼ିସାହି ସ୍ଥିତ ମା' ଫଟାକାଞ୍ଜିଆ ଖେଳ ପଡ଼ିଆ ଠାରେ ୨ୟ ମା' ଫଟାକାଞ୍ଜିଆ କ୍ରିକେଟ ଏରିନା ୨୦୨୪ ର ଉଦଯାପିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ( ବସୁଧା ) ର ଉପଦେଷ୍ଟା ତଥା ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଦିନେଶ ପ୍ରଧାନଙ୍କ ଅଜା ତଥା ଭାରତ ମାତାର ବୀର ଯବାନ ସ୍ୱର୍ଗତ ଦିବାକର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟ ରେ ୧୬ ଟି ଦଳ ଭାଗ ନେଇଥିଲେ। ଆଜିର ଫାଇନାଲ ମ୍ୟାଚ ବୁଢାପଙ୍କ ଓ ଅରାହାଟ କ୍ରିକେଟ ଦଳ ମଧ୍ୟରେ ହୋଇଥିଲା। ଅରାହାଟ ଦଳ ୩ ଟି ସିରିଜ ମ୍ୟାଚରୁ ୨- ୧ ରେ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା। ଆଜିର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାଂସଦ ମହେଶ ସାହୁ ଓ ବିଶିଷ୍ଟ ଅତିଥି ଭାବେ ଓଡିଶା ସରକାରଙ୍କ ଖାଦ୍ୟ ସୁରକ୍ଷା ଆୟୋଗର ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଉପସ୍ଥିତ ରହି ଚାମ୍ପିଅନ ଓ ରନର୍ସ ଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ସାଂସଦଙ୍କ ପ୍ରତିନିଧୀ ଭକ୍ତିପ୍ରସାଦ ଦାସ, ବଣ୍ଟରପାଳ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଗଡ଼ନାୟକ, ତୁଳସୀପାଳ ସରପଞ୍ଚ ସୁନୀତା ସେଠୀ, ସମିତିସଭ୍ୟ କର୍ଣ୍ଣ ଗୋଛାୟତ, ବନ୍ଧା ସମିତିସଭ୍ୟ ଦୁଷ୍ମନ୍ତ ଗଡ଼ନାୟକ, ବୁଢ଼ାପଙ୍କ ସମିତିସଭ୍ୟ ବାବୁନ ବେହେରା, ତୁଳସୀପାଳର ପୂର୍ବତନ ସରପଞ୍ଚ ଲୋକନାଥ ସାହୁ, ପୂର୍ବତନ ସମିତିସଭ୍ୟ ମାଧୁରୀ ବିଶୋଇ, କାଉନସିଲର ବଳରାମ ଜେନା, ଗୋଡ଼ିସାହି ଲକ୍ଷ୍ମୀ ପୂଜା କମିଟିର ସଭାପତି ବିନୟ କୁମାର ସାହୁ, ବିଜୁ ଯୁବ ଜନତା ଦଳର ଜିଲ୍ଲା ଉପସଭାପତି ପ୍ରକାଶ ଚନ୍ଦ୍ର ଭୋଇ, ସମ୍ପାଦକ ସଞ୍ଜୀବ ସାହୁ, ଯୁବ ସମାଜସେବୀ ତାପସ କୁମାର ପାଲ ପ୍ରମୁଖ ଉପସ୍ଥିତ ରହି ଦିବାକର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମା' ଫଟାକାଞ୍ଜିଆ କ୍ରିକେଟ ଏରିନାର ସମସ୍ତ ସଦସ୍ୟ ଓ ଗ୍ରାମର ଯୁବକଙ୍କ ଦ୍ୱାରା ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା।




# ଶ୍ରମିକ ନେତା ଲମ୍ବୋଦର ନାୟକଙ୍କ ବିୟୋଗରେ ଶୋକ

ତାଳଚେର, ୨୫ ।୨(ସମିସ): ବର୍ଷିଆନ ଶ୍ରମିକ ନେତା କମ୍ରେଡ ଲମ୍ବୋଦର ନାୟକ(୮୪) ବର୍ଷ ବୟସରେ ପରଲୋକ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଶ୍ରମିକମାନଙ୍କ ହକ୍ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଲମ୍ବୋଦରଙ୍କ ମୃତ୍ୟୁରେ ଶ୍ରମିକ ମହଲରେ ଗଭୀର ଶୋକ ଖେଳିଯାଇଛି। ସ୍ୱର୍ଗତ ନାୟକ ସିପିଆଇଏମ ତଥା ସିଆଇଟିୟୁ ଶ୍ରମିକ ସଂଘର ରାଜ୍ୟ ସଭାପତି ଏବଂ ଓଡ଼ିଶା କୋଲ ଫିଲଡସ ୱାର୍କର୍ସ ୟୁନିୟନ, ଏମସିଏଲରେ ସଭାପତି ଦାୟିତ୍ୱ ନେଇ ଶ୍ରମିକମାନଙ୍କର ବିଭିନ୍ନ ଦାବି ନେଇ ଆନ୍ଦୋଳନ କରିବା ସହ କାରାବରଣ ମଧ୍ୟ କରିଥିଲେ। ଦୀର୍ଘ ୫୦ ବର୍ଷ ଧରି ଶ୍ରମିକମାନଙ୍କ ନ୍ୟାର୍ଯ୍ୟ ଦାବି ପାଇଁ ତାଳଚେର ତଥା ଅନ୍ୟାନ୍ୟ ଅଞ୍ଚଳରେ ଦୁର୍ବାର ଆନ୍ଦୋଳନ କରି ସଫଳତା ହାସଲ ମଧ୍ୟ କରିଥିଲେ। ସେହିପରି ସେ କେନ୍ଦୁଝର ସ୍ଥିତ କାଲଟା ଲୁହା ଖଣିର ନିଷ୍କେଷିତ ଶ୍ରମିକମାନଙ୍କ ବିଭିନ୍ନ ଦାବି ହାସଲ ପାଇଁ ପ୍ରମୁଖ ଭୂମିକା ତୁଲାଇଥିଲେ। ତାଙ୍କର ବିୟୋଗରେ ଏମସିଏଲର ବରିଷ୍ଠ ଶ୍ରମିକ ନେତା ଆନନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କର ଅମର ଆତ୍ମାର ସଦଗତି କାମନା କରିଛନ୍ତି। ସେହିପରି ଶ୍ରମିକ ନେତା ଉପେନ୍ଦ୍ର ଶର୍ମା, ଆଇନଜୀବୀ ପ୍ରଦୀପ ପଣ୍ଡା, ପ୍ରକାଶ ତ୍ରିପାଠୀ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶ୍ରମିକମାନଙ୍କର ହକ୍ ପାଇଁ ସେ କରିଥିବା ଆନ୍ଦୋଳନ ଯୋଗୁଁ ଚିରକାଳ ମନେ ରହିବେ ବୋଲି ପ୍ରକାଶ କରିଛନ୍ତି।

# ବୃଦ୍ଧାଙ୍କ ଆତ୍ମହତ୍ୟା

ଛେଣ୍ଡିପଦା,୨୫।୨(ସମିସ): ଅନୁଗୋଳ ଜିଲ୍ଲା ବାଗଡ଼ିଆ ଥାନା ବାଗଡ଼ିଆ ଗ୍ରାମ ବୁଢ଼ାସାହିରେ ବିଳମ୍ବିତ ରାତିରେ ଘର ଭିତରେ ଜଣେ ବୃଦ୍ଧା ଆତ୍ମହତ୍ୟା କରିଥିବା ପୁଲିସ ଅଭଯୋଗ ପାଇ ଶବକୁ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଚଳାଇଛି। ମୃତ ବୃଦ୍ଧା ଜଣଙ୍କ ହେଲେ ବଗଡ଼ିଆ ବୁଢାଡ଼ିପ ଗ୍ରାମର ୮୦ବର୍ଷୀୟା ନନ୍ଦିନୀ ପାଣି। କିଛି ବର୍ଷ ହେବ ବୃଦ୍ଧା ଜଣକ ପୁରୁଣା ଘରେ ଏକୁଟିଆ ରହୁଥିବା ବେଳେ ପୁଅବୋହୂ ନୂଆ ଘରେ ରହୁଥିଲେ। ଘରେ କେହି ନଥିବା ବେଳେ ବୃଦ୍ଧା ଏକ ରସିରେ ନିଜ ଘରେ ଆତ୍ମହତ୍ୟା କରିଥିଲେ। ସକାଳେ ପୁଅ ମା' ଆତ୍ମହତ୍ୟା କରିଥିବା ଦେଖି ବାଗଡ଼ିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ ଥାନା ଅପମୃତ୍ୟ ମାମଲାରୁଜୁକରିବାସହିତବୃଦ୍ଧାଙ୍କଶବକୁଜବତକରିବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ମାଛକୁଟା କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କଳମଛୁଇଁ ସ୍ପୋର୍ଟ୍ସ କ୍ଲବ୍ ଚାମ୍ପିଅନ

ଛେଣ୍ଡିପଦା, ୨୫।୨(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ମାଛକୁଟା ଠାରେ ଥିବା ପଡ଼ିଆରେ ରବିବାର ମାଛକୁଟା କ୍ରିକେଟ କପ୍ ଉଦଯାପିତ ହୋଇଯାଇଛି। ଏଥିରେ ୧୬ ଟି ଟିମ୍ ଭାଗ ନେଇଥିଲା। କଳମଛୁଇଁ ଓ ଏନଟିପିସି (କଣିହାଁ) ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ତିନି ସେଟ୍ ବିଶିଷ୍ଟ ଏହି ମ୍ୟାଚରେ ୨ଟି ସେଟ୍ ଜିତି କଳମଛୁଇଁ ସ୍ପୋର୍ଟସ କ୍ଲବ ବିଜୟ ଲାଭ କରିଥିଲା । ମାଛକୁଟା କ୍ରିକେଟ ଆସୋସିଏସନର ସଭାପତିଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ୧୬ ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ, ମାଛକୁଟା ସରପଞ୍ଚ ମନୋଜ କୁମାର ସେଠୀ, ମାଛକୁଟା ପଞ୍ଚାୟତ ବିଜେଡି ସଭାପତି ଦୋଳଗୋବିନ୍ଦ ଗଡ଼ନାୟକ, ପର୍ଯ୍ୟବେକ୍ଷକ ସନ୍ତୋଷ କୁମାର ଦେହୁରୀ, ବୁଦ୍ଧଦେବ ବେହେରା, ଲିଙ୍ଗରାଜ ଦେହୁରୀ, ସୁଧାକର ବେହେରା ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଏହି ଟୁର୍ନାମେଣ୍ଟରେ ସଞ୍ଜୟ ମାଝୀ, ପଞ୍ଚାନନ ମାଝୀ, ପିଙ୍କୁ ମାଝୀ, ପ୍ରବୀଣ ସାହୁ, ଦୁଷ୍ମନ୍ତ ଦେହୁରୀ, ବିକାଶ ସାହୁ, ଧୀରେନ୍ ସାହୁ, ରକି ମାଝୀ, ସହଯୋଗ କରିଥିଲେ। ଅମ୍ପାୟାର ଭାବେ ବିକାଶ ସାହୁ ଓ ପିଣ୍ଟୁ ସାହୁ ଖେଳ ପରିଚାଳନା କରିଥିଲେ।



# ଜିଲ୍ଲା ପ୍ରଶାସନ ହାତରେ ରେଙ୍ଗାଲି କେନାଲ ଦକ୍ଷିଣ ପାର୍ଶ୍ୱ ରାସ୍ତାର ଭାଗ୍ୟ

ତାଳଚେର ସଦର, ୨୫ ।୨(ସମିସ):, ତାଳଚେରରେ ଦିନକୁ ଦିନ ଉତ୍କଟ ଟ୍ରାଫିକ ସମସ୍ୟାର ପ୍ରତିକାର ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଆସୁଛନ୍ତି। ସେହି ହିସାବରେ ତା -୨୨/୮/୨୦୧୭ରିଖ ଦିନ ଅନୁଗୋଳ ଜିଲ୍ଲାର ତତକାଳୀନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ସମେତ ଲୋକପ୍ରତିନିଧିଙ୍କ ଉପସ୍ଥିତିରେ ଏକ ବୈଠକରେ ତାଳଚେର ପୌରାଞ୍ଚଳ ଦେଇ ଯାଇଥିବା ଦକ୍ଷିଣ କେନାଲର ଉଭୟ ପାର୍ଶ୍ୱ ରାସ୍ତାର ସମ୍ପ୍ରସାରଣ ଓ ଉନ୍ନତିକରଣ ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଏହି ରାସ୍ତା ଯେହେତୁ ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗର, ତେଣୁ ଜିଲ୍ଲାପାଳ ଜଳସମ୍ପଦ ବିଭାଗକୁ ଏହାର ଉନ୍ନତି ପାଇଁ ଅନୁମତି ଆଣିବାକୁ ପ୍ରସ୍ତାବ ଗ୍ରହଣ କରାଯାଇ ଏହାର ବ୍ୟୟ ଭାର ଜିଲ୍ଲା ଖଣିଜ ପାଣ୍ଠିରୁ ଖର୍ଚ୍ଚ କରାଯିବା ପାଇଁ ଅନୁରୂପ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ସେହି ଅନୁଯାୟୀ ତତକାଳୀନ ଜିଲ୍ଲାପାଳ ରାଜ୍ୟ ଜଳସମ୍ପଦ ବିଭାଗକୁ ଅନୁମତି ନିମନ୍ତେ ଚିଠି ଲେଖିଥିଲେ ଓ ଏହି ଚିଠିରେ ଉଲ୍ଲେଖ କରିଥିଲେ ଯେ, ରାଜ୍ୟ ସରକାରଙ୍କ ଅନୁମତି ମିଳିଲେ ଜିଲ୍ଲା ଖଣିଜ ପାଣ୍ଠିରୁ ଆବଶ୍ୟକ ଅର୍ଥ ଖର୍ଚ୍ଚ କରାଯାଇ ଏହି ରାସ୍ତାର ନିର୍ମାଣ କାର୍ଯ୍ୟ କରାଯିବ। ତେବେ ଜିଲ୍ଲାପାଳଙ୍କ ଚିଠି ପାଇବା ପରେ ସରକାରଙ୍କ ପକ୍ଷରୁ ଚିଠି ସଂଖ୍ୟା୨୫୯୮୯/୩-୧୧-୨୦୧୭ରେ ଅନୁଗୋଳ ଜିଲ୍ଲାପାଳଙ୍କୁ ଏହି ପ୍ରସ୍ତାବିତ ରାସ୍ତାର ନିର୍ମାଣ ପାଇଁ ଅନୁମତି ପ୍ରଦାନ କରିଥିଲେ ଓ ଏଥିପାଇଁ ଆବଶ୍ୟକ ଅର୍ଥ ଜିଲ୍ଲା ଖଣିଜ ପାଣ୍ଠିରୁ ଖର୍ଚ୍ଚ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ମାତ୍ର ଦୁଃଖର ବିଷୟ ଏହି ରାସ୍ତା ଏବେ ମାତ୍ରାଧିକ ଭାରୀଯାନ ଚଳାଚଳ ହେତୁ ଖାଲ ଖମାରେ ପରିପୂର୍ଣ୍ଣ। ଏଣୁ ଇତିମଧ୍ୟରେ ଦୀର୍ଘ ଛଅବର୍ଷ ବିତିଯାଇଥିଲେ ସୁଦ୍ଧା ଏହି କାର୍ଯ୍ୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ନାଲିଫିତା ତଳେ ଚାପି ହୋଇ ରହିଯାଇଥିଲା। ମାତ୍ର ନିକଟ ଅତୀତରେ ୫-ଟି ଅଧ୍ୟକ୍ଷ ତୁରନ୍ତ ଏହି କାର୍ଯ୍ୟ ସମ୍ପାଦନ ପାଇଁ ହସ୍ତକ୍ଷେପ କରିବା ଫଳରେ ବର୍ତ୍ତମାନ ରେଙ୍ଗାଲି ଜଳ ସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ୭କୋଟି ୫୦ଲକ୍ଷ ଟଙ୍କା ଓ ୫ କୋଟି ୪୨ଲକ୍ଷ ଟଙ୍କାର ଦୁଇଗୋଟି ଏଷ୍ଟିମେଟ ପ୍ରସ୍ତୁତ କରିଛନ୍ତି। ଏହାର ଚିଠି ସଂଖ୍ୟା୪୨୯/୧୫/୨/୨୦୨୪ ତାରିଖରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ତାହା ଜିଲ୍ଲାପାଳଙ୍କ ପକ୍ଷରୁ ତା ୧୭/୨୨୦୨୪ ରେ ଗ୍ରହଣ କରାଯାଇଛି। ଆଗକୁ ନିର୍ବାଚନ ମୁଣ୍ଡ ଉପରେ ଏବଂ ଯେ କୌଣସି ସମୟରେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଯାଇପାରେ। ତେଣୁ ଅନୁଗୋଳ ଜିଲ୍ଲାର ଜିଲ୍ଲାପାଳ ଯଦି ଏହି ରାସ୍ତାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ତୁରନ୍ତ ଅନୁମତି ପ୍ରଦାନ କରି ଆବଶ୍ୟକ ଅର୍ଥ ଜିଲ୍ଲା ଖଣିଜ ପାଣ୍ଠିରୁ ବନ୍ଦୋବସ୍ତ କରନ୍ତି, ତେବେ ଏହି କାର୍ଯ୍ୟ ସମ୍ପାଦନ ହୋଇ ଜନସାଧାରଣଙ୍କ କାର୍ଯ୍ୟରେ ଲାଗି ପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ତେଣୁ ଜିଲ୍ଲାର ଜିଲ୍ଲାପାଳ ଏହି କାର୍ଯ୍ୟ ସମ୍ପାଦନ କରିବା ନେଇ ଆବଶ୍ୟକ ଅର୍ଥ ମଞ୍ଜୁର କରିବା ପାଇଁ ଦାବି ହୋଇଛି।





## ଏନ୍‌ଏସ୍‌ଆଇସି ପକ୍ଷରୁ ଉଦ୍ୟୋଗୀ ସଚେତନତା ଅଭିଯାନ




**ଅନୁଗୋଳ, ୨୫ ।୨(ସମିସ):** ଏମଏସଏମଇ ବିଭାଗ ଅନ୍ତର୍ଗତ ଜାତୀୟ କ୍ଷୁଦ୍ର ଶିଳ୍ପ ନିଗମ (ଏନଏସଆଇସି)ପକ୍ଷରୁ ତାଳଚେର କଳାକେନ୍ଦ୍ର ଭବନ ଠାରେ ଜିଲ୍ଲାସ୍ତରୀୟ ଉଦ୍ୟୋଗୀ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏମଏସଏମଇ ନିର୍ଦ୍ଦେଶକ(ସ୍ୱାଧୀନ ) କାଳନ୍ଦୀ ଚରଣ ସାମଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏନଏସଆଇସି ଡିଜିଏମ ଅନୁରୂପ ଗାୟନ ବିଭାଗ ପକ୍ଷରୁ ଉପଲବ୍ଧ ହେଉଥିବା ବିଭିନ୍ନ ପ୍ରୋତ୍ସାହନକୁ ବିସ୍ତୃତ ଭାବେ ଅବଗତ କରିଥିଲେ। ମ୍ୟାନେଜର ସୁରଜିତ ମହାପତ୍ର ଉଦ୍ୟୋଗୀ ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଟିପଣୀ ପ୍ରଦାନ କରିଥିବା ବେଳେ ଜିଲ୍ଲାର ବରିଷ୍ଠ ଉଦ୍ୟୋଗପତି ସୁବାଷ ପ୍ରଧାନ ଓ ଇଣ୍ଡଫାବର ସ୍ୱତ୍ୱାଧିକାରୀ ଏସ ପାଲିତ ସଫଳତାର ମାର୍ଗଦର୍ଶିତା ପ୍ରକାଶ କରିଥିଲେ । ଅନୁଗୋଳ ଜିଲ୍ଲା ଶିଳ୍ପ କେନ୍ଦ୍ର ଜିଏମ ପଦନ କୁମାର ବେହେରା ଯୋଗଦେଇ ଶିଳ୍ପ ଦ୍ୱାରା ନିଜେ ନିୟୋଜିତ ହୋଇ ନିଯୁକ୍ତି ସୃଷ୍ଟିକରି ଦେଶକୁ ଆତ୍ମନିର୍ଭରଶୀଳ କରିବାକୁ ଉତ୍ସାହିତ କରିଥିଲେ। ଯୁବ ଉଦ୍ୟୋଗୀ ଗୋପାଳ ଚନ୍ଦ୍ର ନାଏକ କାର୍ଯ୍ୟକ୍ରମରେ ଜିଲ୍ଲାର ଏମଏସଏମଇ ପଞ୍ଜିକୃତ ଶତାଧିକ ଉଦ୍ୟୋଗୀ ଯୋଗ ଦେଇଥିଲେ।

## କୁଇଓ ଗ୍ରାମ ବଡ଼ ହରିଜନ ସାହି କମିଟିର କର୍ମକର୍ତ୍ତା ନିର୍ବାଚନ



**କୁଇଓ, ୨୫ ।୨(ସମିସ):** ବଅଁରପାଳ ବ୍ଲକ ଅନ୍ତର୍ଗତ କୁଇଓ ମାଛୁଆ ମୁଣ୍ଡାଠାରେ କୁଇଓ ଗ୍ରାମ ବଡ଼ ହରିଜନ ସାହି କମିଟିର ବନ୍ଧୁମିଳନ ଓ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ଭାବେ ଉପେନ୍ଦ୍ର ବେହେରା, ଉପସଭାପତି ଭୀମ ବେହେରା, କୋଷାଧ୍ୟକ୍ଷ ପ୍ରଫୁଲ ବେହେରା, ସମ୍ପାଦକ ଅଭିମନ୍ୟୁ ବେହେରା ପ୍ରମୁଖ ନିର୍ବାଚିତ ହୋଇଥିଲେ। କମିଟିର ଉପଦେଷ୍ଟା ଗର୍ଜନ ବେହେରା ଶପଥ ପାଠ କରାଇଥିଲେ। ଲକ୍ଷ୍ମଣ ବେହେରା, ପ୍ରତାପ ବେହେରା, ଚିତ୍ର ବେହେରା, ଗୁର ବାରିଆ ଗୋଚ୍ଛାୟତ, ବିଦ୍ୟାଧର ବେହେରା, ପପୁ ଗୁଛକ୍ଷୟତ, ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ପାଲଲହଡ଼ା ବ୍ଲକ ଗସ୍ତ

**ଅନୁଗୋଳ, ୨୫ ।୨(ସମିସ):** ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀଶଙ୍କର ବେହେରା ପାଲଲହଡ଼ା ବ୍ଲକ ରଞ୍ଜା ( ସତ୍ୟଗାଁ ) କୁ ଗସ୍ତ କରିଥିଲେ। କରୋନା ମହାମାରୀ ସମୟରେ ବାପାଙ୍କୁ ହରେଇଥିବା ତିନିଜଣ ଶିଶୁ ନିକଟରେ ମା' କୁ ହରେଇଥିବା ଖବର ପାଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ଉକ୍ତ ଗାଁକୁ ପରିଦର୍ଶନ କରିଥିଲେ। ପିଲାମାନଙ୍କର ପାଠପଢା ଉପରେ ଗୁରୁତ୍ୱ ଦେବା ସହିତ ସରକାରଙ୍କ ଯୋଗ୍ୟ ଯୋଜନାରେ ସାମିଲ କରିବାକୁ ଆଲୋଚନା କରିଛନ୍ତି। ଏଥି ସହିତ ଉକ୍ତ ଆଦିବାସୀ ଗ୍ରାମର ସମସ୍ତ ଶିଶୁଙ୍କୁ ପାଠ ପଢ଼ାରେ ନିୟମିତ କରେଇବା ପାଇଁ ଗୁରୁତ୍ୱଆରୋପ କରିଛନ୍ତି। ଶିଶୁ ଶ୍ରମିକ ଏବଂ ବାଲ୍ୟବିବାହ ନ କରେଇବା ପାଇଁ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଛନ୍ତି।



## ନେଚର କ୍ୟାମ୍ପ୍ ଅନୁଷ୍ଠିତ

**ଆଠମଲ୍ଲିକ, ୨୫ ।୨(ସମିସ):** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ଅନନ୍ତପାଲିର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ସେଣ୍ଟର ଫର ଏନଭରମେଣ୍ଟାଲ ଷ୍ଟଡିଜ୍, ଫରେଷ୍ଟ ଏନଭରମେଣ୍ଟ ଏଣ୍ଡ କ୍ଲାଇମେଟ ଚେଞ୍ଜ ଡିପାର୍ଟମେଣ୍ଟ ଆନୁକୂଲ୍ୟରେ ଟିକରପଡ଼ା ବନ୍ୟ ଜୀବ ସଂରକ୍ଷିତ ଅଞ୍ଚଳ ପରିସରରେ ଏକ ନେଚର କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଉକ୍ତ କ୍ୟାମ୍ପରେ ଉଦ୍ଭିଦ ବିଜ୍ଞାନ, ବିଉ ଓ କୁମ୍ଭୀର ସର୍ବେକ୍ଷଣ ଅଧିକ୍ଷକ ଡକ୍ଟର ଏ ଖାନ ଛାତ୍ର ଛାତ୍ରୀମାନଙ୍କୁ ପରିବେଶ ସଚେତନ ଓ ଖାଦ୍ୟ ଶୃଙ୍ଖଳ ନୀତି ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଛାତ୍ର ଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ପରିବେଶ ସୁରକ୍ଷା ପାଇଁ ସମାଜକୁ ବାର୍ତ୍ତା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବିରଞ୍ଚି ନାଏକ, ସହକାରୀ ଶିକ୍ଷକ ଶ୍ରୀକାନ୍ତ ମେହେର, ସତ୍ୟନାରାୟଣ ମେସୁଆ, ଗଙ୍ଗାଧର ନାଏକ, ଗୀତାଞ୍ଜଳି ନାୟକ, ସିଆରସିସି ସୁଜିତ କୁମାର ସାହୁ ସାମିଲ ଥିଲେ।

## ଜଙ୍ଗଲରେ ନିଆଁ ନ ଲଗାଇବା ଲାଗି ସଚେତନତା ରଥ ପରିକ୍ରମା

**ସାତକୋଶିଆ, ୨୫ ।୨(ସମିସ):** ଆଜି ସାତକୋଶିଆ ଅଭୟାରଣ୍ୟର ଟିକରପଡ଼ା ଠାରେ ସରୋଜ କୁମାର ପଣ୍ଡା ଡିଏଫ୍ଓ ଏବଂ ଏଫ୍ଇଏସ ଅନୁଗୋଳର କର୍ମକର୍ତ୍ତା, ବନ ବିଭାଗ କର୍ମଚାରୀ, ଗ୍ରାମବାସୀ, କୁନି କୁନି ପିଲାମାନଙ୍କ ଗହଣରେ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଏକ ସଚେତନତା ରଥର ପରିକ୍ରମା କରାଯାଇଛି। ଜଙ୍ଗଲ ନିଆଁ ଜଳବାୟୁ, ପରିବେଶ ପ୍ରଦୂଷଣରେ ଅନେକ କୁପ୍ରଭାବ ପକାଇଥାଏ। ଏଥିପାଇଁ ଆମେ ସଜାଗ ରହିଲେ ଜଙ୍ଗଲରେ ନିଆଁ ଲାଗିବ ନାହିଁ।

## ଅଧିଷ୍ଠାତ୍ରୀ ଦେବୀ ମା' ଚଣ୍ଡୀଙ୍କ ବାର୍ଷିକ ଯଜ୍ଞ ମହୋତ୍ସବ

**ବଅଁରପାଳ, ୨୫ ।୨(ସମିସ):** ବଅଁରପାଳ ଅନ୍ତର୍ଗତ ଡମୋଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଚଣ୍ଡୀଙ୍କ ଦ୍ୱାବିଂଶତମ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଡମୋଳ ଗ୍ରାମବାସୀ ଓ ପଡୋଶୀ ଗ୍ରାମବାସୀ ସଂପୂର୍ଣ୍ଣ ସହଯୋଗ କରିଥିଲେ। ନୂତନ ଶ୍ରୀ ଗଣେଶ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କଳସ ଯାତ୍ରା, ସୂର୍ଯ୍ୟ ପୂଜା, ସପ୍ତସତୀ ଚଣ୍ଡୀ ପାଠରେ ଦୁଇ ଦିନ ଗାଁ ପ୍ରକମ୍ପିତ ହୋଇଥିଲା। ୩ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆଶୀର୍ବାଦ ଲାଭ କରିଥିଲେ। ଉତ୍ସବରେ ଭିନ୍ନକ୍ଷମ ସେବା ସଂଘ ଦ୍ୱାରା ଦିନ ରାତି ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଡମୋଳ ଗ୍ରାମ୍ୟ କମିଟି ସଭାପତି ମାନସ କୁମାର ପରିଡ଼ା, ସଂପାଦକ ରଞ୍ଜନ ରାଉତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ




**ଖମାର, ୨୫ ।୨(ସମିସ):** ପାଲଲହଡ଼ା ବ୍ଲକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ତରଫରୁ ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟରେ ନୂତନ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପାଲଲହଡ଼ା ବିଡିଓ ଦିଲୀପ କୁମାର ବାଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଳ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ। ସମାନିତ ଅତିଥି ଭାବେ ପାଲଲହଡ଼ା ବ୍ଲକ ଅଧକ୍ଷା ରୀନାରାଣି ନାଏକ ପାଲଲହଡ଼ା ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଜିତ୍, ଖମାର ସରପଞ୍ଚ ଚକାଡୋଳା ନାଏକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୧୧ ଗୋଟି ପଞ୍ଚାୟତର ୫୪୦ ଜଣ ହିତାଧିକାରୀଙ୍କୁ ମୁଖ୍ୟ ଅତିଥି ଏବଂ ସମାନିତ ଅତିଥି ଭତ୍ତା ବଣ୍ଟନ କରଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଏବଂ ବହ ସଂଖ୍ୟାରେ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ସମସ୍ତ ନୂତନ ହିତାଧିକାରୀ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବର୍ଦ୍ଧିତ ଭତ୍ତା ପାଇଥିବାରୁ ଖୁସି ବ୍ୟକ୍ତ କରିଥିବା ଦେଖିବାକୁ ମିଳିଥିଲା।

● ଛେଣ୍ଡିପଦା ସଦର ମହକୁମାକୁ ଏନ୍‌ଏସି ଘୋଷଣା

## ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କୁ ଧନ୍ୟବାଦ ଜଣାଇଲେ ବିଭିନ୍ନ ସଂଗଠନ

**ଛେଣ୍ଡିପଦା, ୨୫।୨(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ସଦର ମହାକୁମାରେ ଥିବା ବିଭିନ୍ନ ସଂଗଠନ ପକ୍ଷରୁ ଶନିବାର ଧନ୍ୟବାଦ ଜଣାଇଛନ୍ତି। ଛେଣ୍ଡିପଦା ସଦର ମହାକୁମାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଛେଣ୍ଡିପଦା ସଦର ମହାକୁମାକୁ ଏନଏସି ଘୋଷଣା କରିଥିଲେ। ଏ ନେଇ ଛେଣ୍ଡିପଦାର ବିକାଶ ପରିଷଦ, ଟ୍ରକ ମାଲିକ, ଓକିଲ ସଙ୍ଘ ଓ ବହୁ ସଂଗଠନ ପକ୍ଷରୁ ବିଧାୟକଙ୍କୁ ଛେଣ୍ଡିପଦା ଜଗନ୍ନାଥ ମନ୍ଦିର ନିକଟରେ ଭେଟି ଧନ୍ୟବାଦ ଜଣାଇବା ସହିତ ଛେଣ୍ଡିପଦା ସଦର ମହକୁମାକୁ ମୁଖ୍ୟମନ୍ତ୍ରୀ ଏନଏସି ଘୋଷଣା କରିଥିବାରୁ ବିଧାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧକ୍ଷଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ଧନ୍ୟବାଦଅର୍ପଣ କରାଯାଇଛି।

## ସମଲ ବ୍ୟାରେଜ୍ କଲୋନୀରେ ସିରିଜ୍ ଚୋରି

**କଣିହାଁ, ୨୫ ।୨(ସମିସ):** କଣିହାଁ ବ୍ଲକ ସମଲ ଥାନା ସମଲ ବ୍ୟାରେଜ ଟାଉନସିପର ତିନୋଟି କ୍ୱାର୍ଟରରୁ ଚୋର ପରେ ଲୋକମାନେ ଆଶଙ୍କାରେ ରହିଛନ୍ତି। ଗତ ଗୁରୁବାର କିଛି କ୍ୱାର୍ଟରରୁ ତାଲା ଭାଙ୍ଗି ଚୋରି ହୋଇଥିଲା। ପାଣିଟାଙ୍କି କଲୋନୀର ଏକ 'ଇ' ଟାଇପ କ୍ୱାର୍ଟର, ମେନ ରୋଡରେ ଏକ 'ଡି' ଟାଇପ କ୍ୱାର୍ଟର ଓ ତା'ର ପଛପାଖ ଏକ 'ଡି' ଟାଇପ କ୍ୱାର୍ଟରରୁ କେହି ନଥିବା ଅବସ୍ଥାରେ ଚୋରମାନେ ରାତିରେ ଆସି ତାଲା ଭାଙ୍ଗି ପଶିଥିଲେ। ଜିନିଷ ପତ୍ର ଅଣ୍ଡାଳିବା ସହିତ ଆଲମାରୀ ଓ ବାକ୍ସ ଭାଙ୍ଗି ଟଙ୍କା ପଇସା ଓ ସୁନା ରୂପା ଅଳଙ୍କାର ଲୁଟି ନେଇଥିବା ଜଣାପଡିଛି। ଏନେଇ ସମାନେ ସମଲ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସନ୍ଧାନି କୁକୁର ଓ ସାଇଣ୍ଟିଫିକ ଟିମ ଆଣି ତଦନ୍ତ କରିଥିଲେ ମଧ ଚୋରଙ୍କ ସନ୍ଧାନ ପାଇପାରିନି।

## ଆହତ ଷଣ୍ଢର ହେଲା ଚିକିତ୍ସା

**କାମାକ୍ଷାନଗର, ୨୫।୨(ସମିସ):** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସହର ଆଳତୁମା ଗ୍ରାମ ନିକଟରେ ଏକ ଷଣ୍ଢ ରୋଗିଣା ଅବସ୍ଥାରେ ପଡ଼ି ରହିଥିଲା। ଷଣ୍ଢର ଜଙ୍ଘ ଓ ଗୋଡ଼ରେ ଘା ସୃଷ୍ଟି ହୋଇ ପୂଜ ବାହାରୁଥିବା ବେଳେ ଷଣ୍ଢଟି ଚାଲବୁଲ କରିବାରେ ଅସମର୍ଥ ଥିଲା। ଏହା ଦେଖି କାମାକ୍ଷାନଗର ସାମ୍ବାଦିକ ସଙ୍ଘ ସମ୍ପାଦକ ସୋମେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଆଳତୁମା ଗ୍ରାମର କିଛି ପଶୁପ୍ରେମୀ ଯୁବଗୋଷ୍ଠୀ ନିଜସ୍ୱ ଉଦ୍ୟମରେ ଷଣ୍ଢଟିର ଚିକିତ୍ସା କରାଇଥିଲେ।

# ଆମ୍ବସରମୁଣ୍ଡା ପଞ୍ଚାୟତସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ଆଠମଲ୍ଲିକ, ୨୫ ।୨(ସମିସ)**

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡର ଆମ୍ବସରମୁଣ୍ଡା ପଞ୍ଚାୟତ ମିନି ଷ୍ଟାଡିୟମରେ ଆମ୍ବସରମୁଣ୍ଡା କ୍ରିକେଟ ଟିମ୍ ଆନୁକୂଲ୍ୟରେ ଆମ୍ବସରମୁଣ୍ଡା ପଞ୍ଚାୟତସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରର ଆଜି ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ଉଦଯାପନୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଧର୍ମପତ୍ନୀ ମୃଦୁଳା ଠାକୁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଭାରତୀୟ ଜନତା ପାର୍ଟିର ଅନୁଗୋଳ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି, ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜୀବ କୁମାର ସାହୁ ମୁଖ୍ୟବକ୍ତା, ଠାକୁରଗଡ଼ ମଣ୍ଡଳ ସଭାପତି ଗଗନ ବିହାରୀ ବାରିକ, କୃଷି ଯୁବ ମୋର୍ଚ୍ଚା ସମ୍ପାଦକ ପ୍ରବୀଣ କୁମାର ପ୍ରଧାନ, ହୃଦାନନ୍ଦ ପ୍ରଧାନ, ସରପଞ୍ଚ ସସ୍ମିତା ସେଠୀ, ନାଏବ ସରପଞ୍ଚ ମନ୍ଦୋଦରୀ ନାୟକ, ସମିତି ସଭ୍ୟ ଭଜମନ ସେଠୀ, ମକରଧ୍ୱଜ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ଉଦଯାପନୀ ଉତ୍ସବରେ ଧଉରାପାଲି ଓ ରେଢ଼ାଖୋଲ ଫାଇନାଲ ମ୍ୟାଚ ଖେଳିଥିଲେ। ଧଉରାପାଲି କ୍ରିକେଟ ଟିମ୍ ୧୦ ଓଭରରେ ୩୪ ରନ ସଂଗ୍ରହ କରିଥିଲା। ରେଢ଼ାଖୋଲ ଟିମ୍ ୬ ଓଭରରେ ୩୮ ରନ ସଂଗ୍ରହ କରି ବିଜୟ ଲାଭ କରିଛି। ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କାର ସହିତ ଟ୍ରଫି ପ୍ରଦାନ କରାଯାଇଥିଲା।



## ଜିଲ୍ଲା ଘରୋଇ ମାଧ୍ୟମିକ ବିଦ୍ୟାଳୟ ସଂଘର ବୈଠକ

**ଅନୁଗୋଳ, ୨୫ ।୨(ସମିସ):** ଅନୁଗୋଳ ଜିଲ୍ଲାର ସମସ୍ତ ଆଠଟି ବ୍ଲକର ଘରୋଇ ବିଦ୍ୟାଳୟମାନଙ୍କର କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଏକ ବୈଠକ ସ୍ଥାନୀୟ ମଦନ ମୋହନଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘରେ ଉପସ୍ଥିତ ଟ୍ରଷ୍ଟ ବୋର୍ଡର ସଦସ୍ୟ ଓ ବିଭିନ୍ନ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ବିଭିନ୍ନ ଅଭିଯୋଗ କ୍ରମେ ଉପସ୍ଥିତ ସମସ୍ତ ସଦସ୍ୟ ଦୀର୍ଘଦିନର ପ୍ରତୀକ୍ଷା ପରେ ଅନୁଗୋଳ ଜିଲ୍ଲା ଘରୋଇ ମାଧ୍ୟମିକ ସ୍କୁଲ ଫେଡେରେସନ ସଦସ୍ୟ ଓ ଟ୍ରଷ୍ଟର କର୍ମକର୍ତ୍ତାଙ୍କ ସହଯୋଗରେ ଜିଲ୍ଲାରେ ଏକମାତ୍ର ସଂଘ କାର୍ଯ୍ୟକାରୀ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ କରାଯାଇଛି। ଅନୁଗୋଳ ଜିଲ୍ଲାର ଆଠଟି ବ୍ଲକରେ ସର୍ବାଧିକ ୨୪୦ ଟି ମଧ୍ୟରୁ ୫୦ ରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ସରକାରୀ ସ୍ୱୀକୃତ ନାହିଁ। ଶିକ୍ଷା ବିଭାଗର ପଞ୍ଜିକୃତ ଓ ନିର୍ଦ୍ଦେଶରେ ପରିଚାଳିତ ବିଦ୍ୟାଳୟଙ୍କ ପ୍ରତି ଜିଲ୍ଲା ଶିକ୍ଷା ବିଭାଗର ଚରମ ଅବହେଳା ପାଇଁ ପ୍ରତ୍ୟେକ କାର୍ଯ୍ୟକ୍ରମର ପଛରେ ଅନୁଗୋଳ ଜିଲ୍ଲାର ଘରୋଇ ବିଦ୍ୟାଳୟ। ଯଥା ସରକାରଙ୍କ ପ୍ରତ୍ୟେକ ଘରୋଇ ବିଦ୍ୟାଳୟରେ ୨୫% ଫ୍ରି ଆଡମିସନ ରିମ୍ବର୍ସମେଣ୍ଟ ୨୦୧୭ -୨୦୨୪ ପର୍ଯ୍ୟନ୍ତ ନ ମିଳିବା। ଘରୋଇ ବିଦ୍ୟାଳୟର ସରକାରୀ ସ୍ୱୀକୃତ ପାଇବାରେ ପାତରଅନ୍ତର ଭଳି ଅନେକ କାର୍ଯ୍ୟ ଜିଲ୍ଲା ଶିକ୍ଷା ବିଭାଗରେ ଚାଲିଛି। ସରକାରଙ୍କ ବିଭିନ୍ନ ଯୋଜନା ଘରୋଇ ବିଦ୍ୟାଳୟଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲେ ମଧ୍ୟ ତାହା ଠିକ୍ ଭାବରେ ବିନିଯୋଗ କରାଯାଉନାହିଁ। ଜିଲ୍ଲା ଘରୋଇ ମାଧ୍ୟମିକ ବିଦ୍ୟାଳୟ ସଂଘର ଆହ୍ୱାନ କ୍ରମେ ଚଳିତ ଶିକ୍ଷାବର୍ଷରେ ୨୫% ଫ୍ରି ଆଡମିସନ ପ୍ରାପ୍ୟ ନ ମିଳେ, ତେବେ ଜିଲ୍ଲାର ସମସ୍ତ ଘରୋଇ ବିଦ୍ୟାଳୟ ଫ୍ରି ଆଡମିସନକୁ ବର୍ଜନ କରିବା ନିମନ୍ତେ ପ୍ରତିଶୃତିବଦ୍ଧ। ଲିଖିତ ଅଭିଯୋଗ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ପ୍ରଶାସନ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସଂଘ ସମୂହ ପକ୍ଷରୁ ପ୍ରଦାନ କରାଯାଇଛି। ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ବିଭିନ୍ନ ସମସ୍ୟାର ସମାଧାନକୁ ବୈଠକ ମାଧ୍ୟମରେ ଉପସ୍ଥାପନ କରି ସମାଧାନ କରିବା ସହିତ ପରବର୍ତ୍ତୀ ବୈଠକକୁ ଜିଲ୍ଲାର ସମସ୍ତ ବ୍ଲକ ସ୍ତରରେ କରିବା ନିମନ୍ତେ ପ୍ରସ୍ତାବ ଗୃହୀତ କରାଛି।

## ଯମୁନାକୋଟ ଭାଗବତ ଟୁଙ୍ଗିରେ ନନ୍ଦ ଉତ୍ସବ

ମାର୍ଥାପୁର, ୨୫।୨(ସମିସ): ଢେଙ୍କାନାଳ ଜିଲ୍ଲାର ଭୁବନ ବ୍ଲକ ଅନ୍ତର୍ଗତ ଯମୁନାକୋଟ ଭାଗବତ ଟୁଙ୍ଗୀ ଆନୁକୂଲ୍ୟରେ ସାପ୍ତାହିକ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ମହାଆଡମ୍ବରରେ ନନ୍ଦୋତ୍ସବ ଓ ନଗର ପରିକ୍ରମା ହୋଇଥିଲା। ବ୍ୟାସ ଭାବେ ପଣ୍ଡିତ ନିଳମଣୀ ପଣ୍ଡା, ଧାରକ ଭାବେ ନିରଞ୍ଜନ ମିଶ୍ର, ପରିକ୍ଷିତ ଭୂମିକାରେ ଗତିକୃଷ୍ଣ ନାୟକ ଯୋଗଦେଇଥିଲେ। ପଣ୍ଡିତ ଜ୍ୟୋତିପ୍ରକାଶ ମିଶ୍ର, ପଣ୍ଡିତ ପ୍ରମୋଦ ଦାଶ, ପଣ୍ଡିତ ସୁବୋଧ ପଣ୍ଡା, ପଣ୍ଡିତ ରବୀନ୍ଦ୍ର କୁମାର ଦାଶ, ବହୁ ତାତ୍ତ୍ୱିକ ଭାଗବତ ପ୍ରଦାନ କରି ଶ୍ରୋତାମାନଙ୍କୁ ଅଭିଭୂତ କରିଥିଲେ। ଏଥିରେ କୃଷ୍ଣପୁର ଓ ଯମୁନାକୋଟର ସଂକୀର୍ତ୍ତନ ମଣ୍ଡଳୀ, ଆଦିପୁରା ଓ ଯମୁନାକୋଟ ଗୋପାଳ ଭାଇ ଯଥା ବ୍ରହ୍ମାନନ୍ଦ ବେହେରା, କୈଳାସ ବେହେରା, କୁଞ୍ଜ ବେହେରା, ଚଗଲି ବାରିକ୍, ସୁବଳ ଦାସ ପ୍ରମୁଖ ଯୋଗଦାନ କରି ଉତ୍ସବଟିକୁ ଆନନ୍ଦ ମୁଖର କରିଥିଲେ। କାର୍ଯ୍ୟକ୍ରମକୁ ଅଦ୍ୱୈତ ସାହୁ ଓ ରମେଶ ଚନ୍ଦ୍ର ପାଣି ପରିଚାଳନା କରିଥିଲେ।

## ପରିବେଶ ଶିକ୍ଷା କର୍ମଶାଳା ଉଦ୍‌ଯାପିତ

ଢେଙ୍କାନାଳ, ୨୫ ।୨ (ସମିସ): କପିଳାସ ଚିଡ଼ିଆଖାନା ପରିସରରେ ଥିବା ଆଧୁନିକ ସମ୍ମିଳନୀ କକ୍ଷରେ ପରିବେଶ ଶିକ୍ଷା କର୍ମଶାଳା ଉଦ୍ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ନିକଟସ୍ଥିତ ଦେଓଗାଁ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଗଣ ଯୋଗଦେଇ କପିଳାସ ଅଭୟାରଣ୍ୟର ତପୋବନ ପୀଠ ପରିଦର୍ଶନ କରିଥିଲେ। ସେଠାରୁ ଫେରି ମଧ୍ୟାହ୍ନ ଭୋଜନ ପରେ ପରିବେଶ କର୍ମଶାଳାରେ ଯୋଗ ଦେଇଥିଲେ। ଢେଙ୍କାନାଳ ଜିଲ୍ଲାର 'ମହିମା ପରିବେଶ' ସମ୍ମାନପ୍ରାପ୍ତ ବିଶିଷ୍ଟ ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମାଷ୍ଟର ଟ୍ରେନର୍ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା, ବନ୍ୟପ୍ରାଣୀ ସୁରକ୍ଷା ସମିତିର ପ୍ରକଳ୍ପ ସଂଯୋଜକ ଅରବିନ୍ଦ ମାଝି , ଓଡ଼ିଶା ଜଙ୍ଗଲ ଉନ୍ନୟନ ପ୍ରକଳ୍ପର ସଂଯୋଜକ ବିଶ୍ୱମ୍ଭର ମହାପାତ୍ର , ବନପାଳ ଇନ୍ଦୁଭୂଷଣ ଭଞ୍ଜ ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।




ସକାଳ THE SAKALA



## ଚାଷୀ ହତ୍ୟା ବିରୋଧରେ କଳା ଦିବସ ପାଳନ



**ଢେଙ୍କାନାଳ, ୨୫।୨(ସମିସ):** ପଞ୍ଜାବ ହରିୟାଣା ସୀମାରେ କୃଷକମାନଙ୍କର ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନ ଉପରେ ବିଜେପି ସରକାରର ବର୍ବର ଆକ୍ରମଣ, ରବର୍ ବୁଲେଟ ଚାଳନା ଓ ଲୁହ ବୁହା ଗ୍ୟାସ୍ ପ୍ରୟୋଗ ଫଳରେ ୨୩ ବର୍ଷୀୟ ଯୁବକ ଶୁଭ କରଣ ସିଂଙ୍କର ମୃତ୍ୟୁ ଘଟିଛି। ଶତାଧିକ କୃଷକ ଆହତ ହୋଇଛନ୍ତି ଓ ଅନେକ ଆନ୍ଦୋଳନକାରୀ ନିଖୋଜ ହୋଇଛନ୍ତି। ଏହି ବର୍ବର ଆକ୍ରମଣର ପ୍ରତିବାଦରେ ଦେଶବ୍ୟାପୀ ୨୩ ଫେବୃଆରୀ ଦିନ କଳା ଦିବସ ପାଳନ କରିବା ପାଇଁ ସଂଯୁକ୍ତ କୃଷକ ମୋର୍ଚ୍ଚା ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆହ୍ୱାନ ଦେଇଥିଲେ। ଏହି ଆହ୍ୱାନ କ୍ରମେ ଜିଲ୍ଲାପାଳଙ୍କ ଅଫିସ୍ ସାମନାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଯୁବନେତା ସରୋଜ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସିପିଆଇଏମ୍ ଜିଲ୍ଲା ଆବାହକ ସର୍ବଜ୍ଞ ସାହୁ, କଂଗ୍ରେସ ମିଡିଆ ପ୍ରଭାରୀ ଡଃ ତୁଷାରକାନ୍ତି ନାୟକ, କଂଗ୍ରେସ ବରିଷ୍ଠ ନେତା ରୁଦ୍ର ପ୍ରକାଶ ଶରଣ, ଜିଲ୍ଲା ସଭାପତି ସୁନିଲ୍ ଦାଶ, ମହାଳ ସଭାନେତ୍ରୀ ସ୍ମିତାରାଣୀ ସାମଲ, ରୁବିନା ବେଗମ୍, ଯୁବ ସଭାପତି ଶୁଭମ୍ ଦାସ, ଛାତ୍ର ସଭାପତି, ଦଳିତ ସଂଘ ମଞ୍ଚର ପ୍ରିୟ ନାଏକ , ମୃତ୍ୟୁଞ୍ଜୟ ଖୁଣ୍ଟିଆ, ଈଶ୍ୱର ସେଠୀ, ସୁରେନ୍ଦ୍ର ସାହୁ ଓ ଗୋପାଳ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

# ଖଣିମନ୍ତ୍ରୀଙ୍କ ଦ୍ୱାରା ପଥପ୍ରାନ୍ତ ସୁବିଧା କେନ୍ଦ୍ର ଉଦ୍‌ଘାଟିତ

**କାମାକ୍ଷାନଗର, ୨୫।୨(ସମିସ)**

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍ଘାଟନ ହୋଇଛି। ରାଜ୍ୟରେ ପ୍ରଥମଥର ପରୀକ୍ଷାମୂଳକ ଭାବେ ବିଦେଶୀ ଜ୍ଞାନକୌଶଳରେ ରାସ୍ତା ନିର୍ମାଣ ହେବ ବୋଲି ଜଣାପଡ଼ିଛି। ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ

**● ବିଦେଶୀ ଜ୍ଞାନକୌଶଳରେ ସିନ୍ଥେଟିକ ରାସ୍ତା ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ**

ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଉଦ୍ଘାଟନ କରିଛନ୍ତି। ରାଜ୍ୟରେ ପ୍ରଥମ ଥର ପାଇଁ ପରୀକ୍ଷାମୂଳକ ଭାବରେ ବିଦେଶୀ ଜ୍ଞାନକୌଶଳ ମାଧ୍ୟମରେ ସିନ୍ଥେଟିକ୍ ରାସ୍ତା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଛି। ପ୍ରାୟ



୧.୫ କିଲୋମିଟର ଲମ୍ବ ଏହି ନୂତନ ଟେକ୍ନୋଲୋଜି ରାସ୍ତା ନିର୍ମାଣ ପାଇଁ ୮କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏହି ନୂତନ ରାସ୍ତା ଦୀର୍ଘବର୍ଷ ପର୍ଯ୍ୟନ୍ତ ବିନା ମରାମତିରେ କାର୍ଯ୍ୟକ୍ଷମ ହୋଇପାରିବ। ଫଳରେ ସରକାରଙ୍କ ରାଜସ୍ୱ ବଞ୍ଚିବା ସହ ଲୋକମାନଙ୍କର ଗମନାଗମନରେ ଅନେକ ସାହାଯ୍ୟ ହୋଇପାରିବ। ଏହି ନୂତନ ଟେକ୍ନୋଲୋଜି ରାସ୍ତାର ସଫଳତାକୁ ଦେଖି ରାଜ୍ୟର ଅନ୍ୟ ସ୍ଥାନରେ ମଧ୍ୟ ଏହି ରାସ୍ତା ନିର୍ମାଣ କରାଯିବ। ସେହିପରି କାମାକ୍ଷାନଗର ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ନୂତନ ମିଶନଶକ୍ତି ଭବନ ଉଦଘାଟନ ହୋଇଯାଇଛି। ସହରର ମଧ୍ୟଭାଗ ଠାରେ ନୂତନ ରାଜସ୍ୱ ବିଭାଗ ର ବଙ୍ଗଳା ଗୃହର ମଧ୍ୟ ଉଦଘାଟନ ହୋଇଯାଇଛି। ସେହିପରି ଢେଙ୍କାନାଳ -କାମାକ୍ଷାନଗର ପୂର୍ତ୍ତ ବିଭାଗ ରାସ୍ତାର ଜଡ଼ାପାଳ ଠାରେ ନୂତନ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଉଦଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପୂର୍ତ୍ତବିଭାଗ ତରଫରୁ ଯନ୍ତ୍ରୀମୁଖ୍ୟ ନିର୍ମାଣ ଭୁବନେଶ୍ୱରର ମନୋରଞ୍ଜନ ମିଶ୍ର, ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ସଚିବ ଦୁଃଖବନ୍ଧୁ ବେହେରା, ଯନ୍ତ୍ରୀମୁଖ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ତୁଷାରକାନ୍ତ ପଣ୍ଡା, ପ୍ରମୁଖ ବରିଷ୍ଠ ଅଧିକାରୀଙ୍କ ସମେତ କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ, ଏନଏସି ଅଧକ୍ଷ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧକ୍ଷ ପ୍ରେମାନନ୍ଦ ସାହୁ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଓ କାମାକ୍ଷାନଗର ନିର୍ବାଚନମଣ୍ଡଳୀର ଶତାଧିକ ଲୋକ ଯୋଗ ଦେଇଥିଲେ। ପୂର୍ତ୍ତ ବିଭାଗ ତରଫରୁ ଢେଙ୍କାନାଳ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାୟକ, କାମାକ୍ଷାନଗର ଉପଖଣ୍ଡ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଜୟ କୁମାର ସେଠୀ, ଅଚ୍ୟୁତାନନ୍ଦ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୫୦୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ



**ଢେଙ୍କାନାଳ, ୨୫।୨(ସମିସ):** ସ୍ଥାନୀୟ ମିନି ଷ୍ଟାଡିୟମଠାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜିଲ୍ଲାର ୧୫୦୪ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ପ୍ରଥମ କରି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ମିନି ଷ୍ଟାଡିୟମଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଂସଦ ମହେଶ ସାହୁଙ୍କ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ବିଧାୟକ ସୁଧୀର କୁମାର ସାମଲ, ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଚେୟାରମ୍ୟାନ ସୁରେନ୍ଦ୍ର ହେମ୍ବ୍ରମ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାର ବିକାଶ ଦିଗରେ ମୂଲ୍ୟବାନ ଅବଦାନ ସ୍ୱରୂପ ଜିଲ୍ଲା ସ୍ତରର ୯୪ଜଣଙ୍କୁ ଷ୍ଟୁଡେଣ୍ଟ ଏକାଡେମୀ ଆୱାଡରେ ସମ୍ମାନିତ କରାଯାଇଥିବା ବେଳେ ୮୧୬ଜଣଙ୍କୁ ବ୍ଲକ ସ୍ତରର ଷ୍ଟୁଡେଣ୍ଟ ଏକାଡେମିକ ଆୱାର୍ଡ, ୫୦୬ଜଣଙ୍କୁ ଷ୍ଟୁଡେଣ୍ଟ ଲିଡରସିପ ଆୱାର୍ଡ, ୨୪ଜଣଙ୍କୁ ସେକେଣ୍ଡାରୀ ସ୍କୁଲ ଆୱାର୍ଡ, ୨୪ଜଣଙ୍କୁ ଏଲିମେଣ୍ଟାରୀ ସ୍କୁଲ ଆୱାର୍ଡ, ୮ଜଣଙ୍କୁ ଗ୍ରାମପଞ୍ଚାୟତ ଅୱାର୍ଡ, ୮ଜଣଙ୍କୁ ଆଲୁମ୍ନି କମିଟି, ୮ଜଣଙ୍କୁ ସ୍କୁଲ ମ୍ୟାନେଜମେଣ୍ଟ, ୮ଜଣଙ୍କୁ ପ୍ରଧାନଶିକ୍ଷକ, ୮ଜଣଙ୍କୁ ଶିକ୍ଷକ, ଏଭଳି ମୋଟ ୧ ହଜାର ୫୦୪ଜଣଙ୍କୁ ସମ୍ମାନିତ କରାଯାଇଛି। ଉତ୍ସବ ଆରମ୍ଭରେ ଜିଲ୍ଲା ଶିକ୍ଷାଧିକାରୀ ବିନିତା ସେନାପତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ଅବନୀ ମିଶ୍ର ସଂଯୋଜନା କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଟା ଷ୍ଟିଲ୍ ମେରାମଣ୍ଡଳୀ ତରଫରୁ ସୁରକ୍ଷା ପ୍ରଦର୍ଶନୀ

**ଢେଙ୍କାନାଳ, ୨୫।୨(ସମିସ):** ଢେଙ୍କାନାଳ ଜିଲ୍ଲାର ଓଡାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ଟିଏସ୍ଏମ୍ ପକ୍ଷରୁ ମାନବ ମେସିନ୍ ସମସ୍ୟାର ଦୂରୀକରଣ ସମ୍ପର୍କିତ ଷଷ୍ଠ ସୁରକ୍ଷା ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ମେରାମଣ୍ଡଳୀ ସାହିବାବାଦ, ଖେଲପୋଲି ଓ ହେସୁର ଭଳି ବିଭିନ୍ନ ସ୍ଥାନରୁ ପ୍ରତ୍ୟକ୍ଷ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ସେମାନଙ୍କଠାରୁ ମୋଟ ୧ ହଜାର ୬୯୫ ଅଭିନବ ଚିନ୍ତାଧାରା ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ଯାନ୍ତ୍ରିକୀକରଣ ରିମୋଟ୍ ୱାର୍କିଂ, ମୂଳ ସ୍ଥିତିର ପୁନରୁଦ୍ଧାର ଓ ଉପକରଣ, ଅଟୋମେସନ/ ରୋବୋଟିକ୍ସ ଓ ଡିଜିଟାଇଜେସନ, ବାରିକେଡିଙ୍ଗ . ଓ ଆକ୍ସେସ୍ କଣ୍ଟ୍ରୋଲମେସିନ ସୁରକ୍ଷା ଏବଂ ଜିଗ୍ସ, ଫିକ୍ସଚର, ଟୁଲ୍ସ ଓ ଟେକୋଲ୍ସ ଭଳି ପାଞ୍ଚଟି ନିର୍ଦ୍ଦିଷ୍ଟ ବର୍ଗରେ ୨ଶହ ସୁରକ୍ଷା କାଇଜେନକୁ ପ୍ରଦର୍ଶିତ କରାଯାଇଥିଲା। ଏଥି ମଧ୍ୟରୁ ୫୦ପ୍ରତିଶତ ଇଞ୍ଜିନିୟରିଂ ହୋଇଥିବା ନିୟନ୍ତ୍ରଣ ସମାଧାନ, ୨୫ପ୍ରତିଶତ ପ୍ରଶାସନିକ ନିୟନ୍ତ୍ରଣ ପଦେକ୍ଷପ, ୧୫ପ୍ରତିଶତ ବିପଦ ଉପରେ ଗୁରୁତ୍ୱାରୋପ କରିବା ବେଳ



୧୦ପ୍ରତିଶତ ବିପଦ ଦୂରୀକରଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ଅତିଥି ଭାବେ ଟାଟା ଷ୍ଟିଲ୍ର ସୁରକ୍ଷା, ସ୍ୱାସ୍ଥ୍ୟ ଓ ସ୍ଥାୟୀତ୍ୱ ଉପ-ସଭାପତି ରାଜୀବ ମଙ୍ଗଳ, ଟିଏସ୍ଏମ ଅପେରସନ୍ସ, ଏନ୍ଏମ୍ସି ଓ ଗ୍ରାଫିନିର ଉପ-ସଭାପତି ସୁବୋଧ ପୋଣ୍ଡ, ଟାଟା ଷ୍ଟିଲ୍ର ସୁରକ୍ଷା ମୁଖ୍ୟ ନୀରଜ କୁମାର ସିହ୍ନା, ଟିଏସ୍ଏମ୍ର ସୁରକ୍ଷା ମୁଖ୍ୟ ଅଗମ କୁମାର ଯୋଗ ଦେଇଥିବା ବେଳ ବିଭିନ୍ନ ବିଭାଗର ମୁଖ୍ୟ, ଲାଇନ୍ ମ୍ୟାନେଜର ଓ ବିଭିନ୍ନ ୟୁନିଟ୍ର ଭେଣ୍ଡର ସହଯାଗୀମାନେ ଉପସ୍ଥିତ ଥିଲେ। ଉଦଯାପନୀ ସମାରୋହରେ ବିଭିନ୍ନ ବର୍ଗର ବିଜେତାଙ୍କୁ ଟିଏସ୍ଏମ୍ର ଚିଫ୍ ଆଇରନ୍ ମେକିଂ ଅମିତ କୁମାର ସିଂହ ଓ ଟିଏସ୍ଏମ୍ର ସୁରକ୍ଷା ମୁଖ୍ୟ ଅଗମ କୁମାର ସମ୍ବର୍ଦ୍ଧିତ କରିଥିଲେ। ଟିଏସଏମର କର୍ମକ୍ଷେତ୍ର ସୁରକ୍ଷା ମୁଖ୍ୟ ଉପେନ୍ଦ୍ର ପ୍ରସାଦ ଯାଦବ ଧନ୍ୟବାଦ ଅପର୍ଣ କରିଥିଲେ।

## ପୂର୍ବଶତ୍ରୁତାରୁ ଯୁବକଙ୍କୁ ନିସ୍ଥୁକ ମାଡ଼; ଜଣେ ଗିରଫ

**ଢେଙ୍କାନାଳ,୨୫।୨(ସମିସ):** ସ୍ଥାନୀୟଶାସନଛକନିକଟରେଜନୈକଯୁବକକୁନିସ୍ଥୁକ ମାଡ଼ ମରାଯିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି। ମୀନାବଜାର ବାସିନ୍ଦା ଅଭିଶେକ ନାୟକ (୨୪) ଏବଂ ତାଙ୍କ ସାଥୀ ଯାଉଥିବା ସମୟରେ ଶ୍ରୀପତି ମଲ୍ଲିକଙ୍କ ସହିତ ବଚସା ହୋଇଥିଲା। ଏହି ବଚସା ତୀବ୍ରରୂପ ଧାରଣ କରିବାରୁ ଅଭିଶେକ ଏବଂ ତାଙ୍କ ସାଥୀ ଶ୍ରୀପତିକୁ ଗୋଡ଼ାଇ ଗୋଡ଼ାଇ ନିସ୍ଥୁକ ମାଡ଼ ମାରିଥିଲେ। ଏହି ଘଟଣାକୁ ଦେଖି ସ୍ଥାନୀୟ ବାସିନ୍ଦା ପୁଲିସକୁ ଖବର ଦେବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଭିଶେକକୁ ଗିରଫ କରିଥିବା ବେଳେ ତା'ର ସହଯୋଗୀ ଫେରାର ହୋଇଯାଇଛି। ଏହି ଗଣ୍ଡଗୋଳ ପୂର୍ବଶତ୍ରୁତାକୁ ନେଇ ଘଟିଥିବା ସୂଚନା ମିଳିଛି।

**■ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ଉଦ୍‌ଘାଟିତ**

## ୯ କୋଟି ୨୮ ଲକ୍ଷ ୬୦ ହଜାର ଟଙ୍କାର କାର୍ଯ୍ୟାରମ୍ଭ

**ହିନ୍ଦୋଳ, ୨୫।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚ ନମଣ୍ଡଳୀରେ ବିଧାୟିକା ସୀମାରାଣୀ ନାୟକଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ଉଦ୍ଘାଟିତ ହୋଇଯାଇଛି। ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ଅକ୍ଲାନ୍ତ ପରିଶ୍ରମ ଓ ଉଦ୍ୟମରେ ହିନ୍ଦୋଳ ବ୍ଲକ ବାଉଁଶପୋଖରୀ ପଞ୍ଚାୟତ ଅନ୍ତର୍ଗତ ନୂଆକୂଟଠାରୁ ବନ୍ଧାଭୂଇଁ, କରାବିରା ଦେଇ କଞ୍ଚା ପର୍ଯ୍ୟନ୍ତ



୧୩.୭୫କିଲୋମିଟର ଗ୍ରାମ୍ୟରାସ୍ତାକୁ ଗ୍ରାମ୍ୟ ବିଭାଜନ ମାଧ୍ୟମରେ ୯କୋଟି ୨୮ଲକ୍ଷ ୬୦ହଜାର ଟଙ୍କାରେ ଟେଣ୍ଡର ହୋଇ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କାର୍ଯ୍ୟାରମ୍ଭ ହୋଇଯାଇଛି। ଏହାକୁ ଆଜି ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ବିଧିବଦ୍ଧ ଭାବରେ ଉଦ୍ଘାଟନ କରିଛନ୍ତି। ଏହି ରାସ୍ତା ନିର୍ମାଣ ଦ୍ୱାରା ପଞ୍ଚାୟତର ୫ ଗ୍ରାମର ହଜାର ହଜାର ଜନସାଧାରଣ ଉପକୃତ ହୋଇପାରିବେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ବର୍ଦ୍ଧିତ ନୂତନ ଭାବରେ ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ପାଇଁ ଯୋଗ୍ୟ ହିତାଧିକାରୀ ମାନଙ୍କୁ ବିଧାୟିକା ଭତ୍ତା ବଣ୍ଟନ କରିବା ସହ ଉଦ୍ଦିଷ୍ଟ ଅର୍ଥରାଶି ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ରଞ୍ଜିତ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ବରୁଣ ସର, ବିଜେଡି ଜିଲ୍ଲା ସମ୍ପାଦକ ପ୍ରଦ୍ୟୁମ୍ନ ବେହେରା, ଏନଏସି ନଗର ସଭାପତି ଗୋବିନ୍ଦ ବେହେରା, ଯୁବ ସଭାପତି ରୁଦ୍ରନାରାୟଣ ଦାସ, ବରିଷ୍ଠ ବିଜେଡି କର୍ମୀ ସୁଜିତ ବେହେରା, ଚନ୍ଦ୍ରମଣି ପ୍ରଧାନ, ଗୌତମ ସାହୁ ଓ ସହସ୍ରାଧିକ ଜନସାଧାରଣ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ପଦ୍ମପୁରରେ ମାଗେ ପର୍ବ ପାଳିତ



**ମହାବିରୋଡ, ୨୫।୨(ସମିସ):** ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ବ୍ଲକ ଅନ୍ତର୍ଗତ ଘାଗରାମୁଣ୍ଡା ପଞ୍ଚାୟତ ଖନ୍ଦା ଗ୍ରାମ ଅନ୍ତର୍ଗତ ପଦ୍ମପୁର ପଡ଼ାରେ ପାରମ୍ପରିକ ରୀତିନୀତି ଅନୁସାରେ ୨୦ ବର୍ଷ ହେଲାଣି ମାଗେ ପର୍ବ ପାଳନ ହୋଇଆସୁଛି। ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଏକତ୍ରିତ ହେଇ ନିଜ ଆରାଧ୍ୟା ଦେବୀଙ୍କୁ ପୂଜାର୍ଚ୍ଚନା କରି ନାଚ ଗୀତରେ ମସଗୁଲ ହେଇଥାନ୍ତି। ଏହି ପର୍ବରେ ଗାଁ ଲୋକଙ୍କ ସହିତ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ, ବିଜେପି ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ବିଭୂତି ଭୂଷଣ ପ୍ରଧାନଙ୍କ ଧର୍ମପତ୍ନୀ ଅନୁପମା ପ୍ରଧାନ ଉପସ୍ଥିତ ରହି ସ୍ଥାନୀୟ ଲୋକମାନଙ୍କ ସହିତ ନାଚ ଗୀତରେ ସାମିଲ ହୋଇଥଲେ। କାର୍ଯ୍ୟକ୍ରମରେ ଗ୍ରାମର ଗୌତମ ଜଜ, ନବ ବବଙ୍ଗା, ମହେଶ୍ୱର ଲାଗୁରି, ଶର୍ମା ଜଜ, ଦାଶରଥି ବାଙ୍କୀରା, ରାଉତ ଜଜ ସହଯୋଗ କରିଥିଲେ।

## ଯୌତୁକପଶିରେ ମାଘ ପୂର୍ଣ୍ଣିମା

**କାମାକ୍ଷାନଗର, ୨୫।୨(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବଣୁଇ ପଞ୍ଚାୟତ ଯୌତୁକପଶି ଗ୍ରାମରେ ମାଘ ପୂର୍ଣ୍ଣିମା ପାଳନ କରାଯାଇଛି। ଅପରାହ୍ନରେ ବିଶାଳ ପଟୁଆରରେ ଗୋପାଳଙ୍କ ଲଉଡ଼ି ଖେଳ, ଘଣ୍ଟ, ବାଦ୍ୟ, ନାମ ସଙ୍କୀର୍ତ୍ତନ, ବାଜା ବଜାଇ ଗାଁର ପ୍ରତି ସାହି ପ୍ରକମ୍ପିତ ହୋଇଥିଲା। ୧୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ଏହି ଗ୍ରାମର ପ୍ରତି ସାହିର ମେଳଣ ପରିକ୍ରମା ପରେ ଗାଁର ଏକ ସ୍ଥାନରେ ରାମଲୀଳା କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମର ଚଉପାଢ଼ି ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରି ସମସ୍ତ ଗ୍ରାମବାସୀଙ୍କ ଉଦ୍ୟମରେ ଶାନ୍ତି ଶୃଙ୍ଖଳାର ସହ ମାଘ ପୂର୍ଣ୍ଣିମା ପର୍ବ ପାଳିତ ହୋଇଥିଲା।

## କେନ୍ଦ୍ର ସାହିତ୍ୟ ଏକାଡେମୀର ଆଲୋଚନାଚକ୍ର

**ଢେଙ୍କାନାଳ, ୨୫।୨ (ସମିସ):** ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲଠାରେ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ଦ୍ୱାରା ଆୟୋଜିତ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ବିଶିଷ୍ଟ ଗାଳ୍ପିକ ଗୌରହରି ଦାଶ ସଭାପତିତ୍ୱ କରିଥିବା ବେଳେ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଉଦ୍ଘାଟନ କରିଥିଲେ। ସାହିତ୍ୟ ଏକାଡେମୀ କୋଲକତାର ସହକାରୀ ସମ୍ପାଦକ କ୍ଷେତ୍ରବାସୀ ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ ଗବେଷିକା ଡଃ. ପୁଷ୍ପଲତା ରଥ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଉପରେ ଏହି ଆଲୋଚନା ଚକ୍ରକୁ ଉଦ୍ଘାଟନ କରିଥିଲେ। ପଦ୍ମଶ୍ରୀ ଅନ୍ତର୍ଯ୍ୟାମୀ ମିଶ୍ର ଓଡ଼ିଆ ସାହିତ୍ୟର ଗତି ପ୍ରଗତିରେ ଢ଼େଙ୍କାନାଳର ଅବଦାନ ସମ୍ପର୍କରେ ଆଲୋଚନା କରିଥିବା ସହିତ ବିଶିଷ୍ଟ ଭାଷା ତତ୍ତ୍ୱବିତ୍ ଗୋଲେକ



ବିହାରୀ ଧଳ ଉପରେ ଡଃ ପୁଷ୍ପଲତା ରଥ ବିସ୍ତୃତ ଆଲୋଚନା କରିଥିଲେ। କାହ୍ନୁ ମହାନ୍ତି, ଗୋପିନାଥ ମହାନ୍ତି ଭଳି ସ୍ରଷ୍ଟା ଆଉ ସୃଷ୍ଟି ହୋଇ ପାରିବେ ନାହିଁ ବୋଲି କହିଥିଲେ। ଅଧିବେଶନକୁ ମନୋହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ଡଃ. ବିଜୟ କୁମାର ଶତପଥୀ ସଭାପତିତ୍ୱରେ ତଥା ବିଜୟାନନ୍ଦ ସିଂ ମୁଖ୍ୟ ଅତିଥିରୂପେ ଦ୍ୱତୀୟ ଅଧିବେଶନର କାବ୍ୟ କବିତା ଉପରେ ପ୍ରବନ୍ଧ ପାଠ କରିଥିଲେ। ଓଡାପଡ଼ା ପଞ୍ଚାୟତସମିତି ମହାବିଦ୍ୟାଳୟର ଅଧ୍ୟାପକ ଗୁରୁଚରଣ ରାଉତରାୟ ନାଟକର ଗତି ଓ ପ୍ରବୃତ୍ତି ଉପରେ ଆଲୋକପାତ କରିଥିଲେ। ନାଟ୍ୟକାର ଦିନେଶ ଦାସ ଭାଷା ଉପରେ ପ୍ରବନ୍ଧ ପାଠ କରିଥିଲେ। ଡଃ. ଜୟକୃଷ୍ଣ ମିଶ୍ର ଏବଂ ସଂସ୍କୃତି ଉପରେ ଅତିରିକ୍ତ ସଚିବ ତପନ କୁମାର ଶତପଥୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପୂର୍ବତନ ସାହିତ୍ୟ ଅକାଡେମୀର ସଦସ୍ୟ ବାହଦୂର ପାଟ୍ଟସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପୀନାଥ ଜୀଉ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟ

**ଗଁଦିଆ, ୨୫।୨ (ସମିସ):** ଢେଙ୍କାନାଳ ଜିଲ୍ଲାର ଗଁଦିଆ ବ୍ଲକ ବରଦା ପଞ୍ଚାୟତ ଅନ୍ତର୍ଗତ ଗୋପୀନାଥ ଜୀଉ ୧୬ ତମ ଦିବାରାତ୍ରି ଭଲିବଲ ଟୁର୍ଣ୍ଣାମେଣ୍ଟ ବରଦା ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ ଗୋଟି ଦଳ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବରଦା ଗ୍ରାମ ପଞ୍ଚାୟତ ସରପଞ୍ଚ ଇତିମୟୀ ବେହେରା ଉପସ୍ଥିତ ରହି



ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ଅନ୍ନପୂର୍ଣ୍ଣା ସେଠି ଯୋଗ ଦେଇଥିଲେ। ଏହି ମ୍ୟାଚକୁ ବରଦା ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଅନନ୍ତ ଚରଣ ଜେନା ପରିଚାଳନା କରିଥିବା ବେଳେ ବରଦା ଗ୍ରାମବାସୀ ଉତ୍ସାହର ସହ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**■ ଏମ୍‌ପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

## ଦିପୁ ଫାଇଟର ବିଜୟୀ

**କାମାକ୍ଷାନଗର, ୨୫।୨(ସମିସ):** ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ବ୍ଲକ ମାଣିକମରା ଷ୍ଟାଡିୟମ ଠାରେ ଏମପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ମାଣିକମରା ପଞ୍ଚାୟତର ସମସ୍ତ ଖେଳାଳିକୁ ନେଇ ୨ ଗୋଟି ଏସଏସ ଫାଇଟର ଓ ଦିପୁ ଫାଇଟର ଟିମ୍ ମଧ୍ୟରେ ମଧ୍ୟରେ ୩ଟି ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚ୍ରେ ଏସଏସ ଫାଇଟର ଟସରେ ବିଜୟ ଲାଭ କରି ପ୍ରଥମେ ବ୍ୟାଟିଂ କରି ୮ ଓଭର ୨ ୱିକେଟରେ ୧୪୨ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଦିପୁ ଫାଇଟର ୮ ଓଭର ୭ ୱିକେଟ ହରାଇ ୧୧୨ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ସେହିପରି ୨ୟରେ ମ୍ୟାଚ୍



ପ୍ରଥମେ ଏସଏସ ଫାଇଟର ବ୍ୟାଟିଂ କରି ୬ ଓଭର ୧୦ ୱିକେଟରେ ୩୨ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଦିପୁ ଫାଇଟର ୩ ଓଭର କୌଣସି ୱିକେଟ ହରାଇ ୩୪ ରନ ସଂଗ୍ରହ କରି ବିଜୟ ଲାଭ କରିଥିଲା। ୩ୟ ମ୍ୟାଚ୍ ଦିପୁ ଫାଇଟର ପ୍ରଥମେ ବ୍ୟାଟିଂ କରି ୬ ଓଭର ୮ ୱିକେଟରେ ୭୧ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଏସଏସ ଫାଇଟର ୬ ଓଭର ୨ ୱିକେଟ ହରାଇ ୬୨ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଆଜିର ମ୍ୟାଚରେ ଦିପୁ ଫାଇଟର ଟିମ୍ ୩ ଗୋଟି ମ୍ୟାଚ୍ରୁ ୨ ଗୋଟି ମ୍ୟାଚ୍ ବିଜୟ ଲାଭ କରି ବିଜୟୀ ହୋଇଥିଲା। ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଜଗ୍ନେଶ୍ୱର ବର୍ମା, ସମାଜସେବୀ ଦିଲ୍ଲୀପ ବର୍ମା ଯୋଗଦେଇ ଉଭୟ ଟିମ୍କୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦ ମ୍ୟାଚ୍ ବଳିଆ, ମ୍ୟାନ ଅଫ ସିରିଜ ନିଗମ, ବେଷ୍ଟ ବୋଲର ଲିଟୁ ହୋଇଥିବା ବେଳେ ଖେଳକୁ ଅଭୟ ଓ ଚିଣ୍ଟୁ ପ୍ରମୁଖ ପରିଚାଳନା କରିଥିଲେ।

# ବ୍ରାହ୍ମଣୀ ନଦୀ ମଧୁର ଜଳରେ କଇଁଛଙ୍କ ସମୂହ ଅଣ୍ଡାଦାନ

**କାମାକ୍ଷାନଗର, ୨୫।୨(ସମିସ)**

ଢେଙ୍କାନାଳ ଜିଲ୍ଲା ବ୍ରାହ୍ମଣୀ ନଦୀ ମଧୁର ଜଳରେ ନଦୀ ପଠାରେ ଥିବା ବିଭିନ୍ନ ପ୍ରଜାତିର କଇଁଛ ସାମୂହିକ ଅଣ୍ଡାଦାନ କରିଛନ୍ତି। କଇଁଛ ଅଣ୍ଡାର ସୁରକ୍ଷା ପାଇଁ ବନବିଭାଗ ସହ ଗ୍ରାମବାସୀ ନିୟୋଜିତ ରହିଥିବାର ଜଣାପଡ଼ିଛି।

ବ୍ରାହ୍ମଣୀ ନଦୀର ମଧୁର ଜଳ ଏବେ କଇଁଛ ବଂଶ ବୃଦ୍ଧି ପାଇଁ ସହାୟକ ହୋଇଛି। ଫଳରେ ଶହ ଶହ ସଂଖ୍ୟାରେ କଇଁଛ ନଦୀ କୂଳରେ ଅଣ୍ଡାଦାନ କରିଥିବାର ଜଣାପଡ଼ିଛି। ଅଣ୍ଡାକୁ ସୁରକ୍ଷା ଦେବା ପାଇଁ ବନବିଭାଗ ସହିତ ଗ୍ରାମବାସୀମାନେ ଦିନ ରାତି ପାଟ୍ରୋଲିଂ କରୁଥିବା ଜଣାପଡ଼ିଛି। ଅଣ୍ଡାଦାନ ଠାରୁ ଆରମ୍ଭକରି ଅଣ୍ଡାରୁ ଛୁଆ ଫିଟି ପାଣିକୁ ଯିବା ପର୍ଯ୍ୟନ୍ତ ଏହି ପାଟ୍ରୋଲିଂ ଜାରି ରହିବ। ଚିହ୍ନଟ ଅଣ୍ଡାଦାନ ସ୍ଥାନରେ ବାଲି ଉଠାଣ ଓ ମାଛମାରିବା ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସାଧାରଣତଃ



ସମୁଦ୍ର କୁଳର ଲୁଣିପାଣିର କଇଁଛ କୁଳକୁ ଆସି ଅଣ୍ଡା ଦେବାକଥା ସମସ୍ତେ ଜାଣିଛନ୍ତି। କିନ୍ତୁ ମଧୁର ଜଳରୁ କଇଁଛ କୁଳକୁ ଆସି ଅଣ୍ଡାଦାନ କଥା ଏବେ ଜିଲ୍ଲା ପାଇଁ ଗୌରବ ଆଣିଦେଇଛି। ଢେଙ୍କାନାଳ ବନଖଣ୍ଡର ଷଡଙ୍ଗୀ ରେଞ୍ଜ ଓ ଭୁବନ ରେଞ୍ଜରେ ବ୍ରାହ୍ମଣୀ ନଦୀକୂଳରେ ଦୁଇଟି ସ୍ଥାନରେ ଅଣ୍ଡାଦାନ କରିଥିବାର ଜଣାପଡ଼ିଛି। ପ୍ରତ୍ୟେକ ବର୍ଷ ନଭେମ୍ବର ମାସଠାରୁ କଇଁଛମାନେ କୂଳକୁ ଆସି ଅଣ୍ଡାଦାନ ଆରମ୍ଭ କରନ୍ତି ଏବଂ ପ୍ରାୟ ଏପ୍ରିଲ ମାସ ଶେଷ ପର୍ଯ୍ୟନ୍ତ ଅଣ୍ଡାରୁ ଛୁଆଫିଟି ପାଣିକୁ ଚାଲି ଯାଇଥାଆନ୍ତି। ଢେଙ୍କାନାଳ ଜିଲ୍ଲାର ନଦୀକୂଳରେ ଥିବା ରାଙ୍କିଆ ଗ୍ରାମ ଠାରୁ ବୁଢ଼ିବିଲି ପର୍ଯ୍ୟନ୍ତ ପ୍ରାୟ ୬ ଟି ଗ୍ରାମରେ ଏହି ସମୟରେ ନଦୀକୂଳକୁ ପ୍ରାୟତଃ ଯିବା ଆସିବାରେ କଟକଣା ଲଗାଯାଇଥାଏ। ନଭେମ୍ବର ମାସ ପ୍ରଥମ ସପ୍ତାହରୁ ବନବିଭାଗ ଏହି କଇଁଛ ସୁରକ୍ଷାରେ ଲାଗି ପଡ଼ିଥାଆନ୍ତି। ଏଥିପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ନିଯୁକ୍ତି ହେବା ସହ ଗ୍ରାମଗୁଡିକର ଥିବା ଯୁବକ ସଙ୍ଘର ସଦସ୍ୟମାନେ ଅଣ୍ଡା ସୁରକ୍ଷାରେ ଲାଗିପଡନ୍ତି। ରାତିରେ ବନବିଭାଗର ପାଟ୍ରୋଲିଂ ଗାଡି ମଧ୍ୟ ନିୟମିତ ଯାଇ ପାଟ୍ରୋଲିଂ କରୁଛନ୍ତି। ଏଠାକୁ କାବେରୀ, ମୟୂରଚୁଳିଆ, ଅମୁହା, କାମୁଡ଼ା ଓ ଦେଉଳି ଆଦି ପ୍ରଜାତିର କଇଁଛ କୂଳକୁ ଆସି ଅଣ୍ଡା ଦେଇଥାଆନ୍ତି। ପ୍ରତ୍ୟକ କଇଁଛ ୧୫ ରୁ ୨୦ଟି ଲେଖାଏଁ ଅଣ୍ଡା ଦେଇଥାଆନ୍ତି। ଷଡ଼ଙ୍ଗୀ ରେଞ୍ଜର ନୂଆପଡ଼ା ଠାରୁ ଭୂଇଁପୁର ପର୍ଯ୍ୟନ୍ତ ଓ ଭୁବନ ରେଞ୍ଜ ରାଙ୍କିଆ ଠାରୁ ବୁଢିବିଲି ପର୍ଯ୍ୟନ୍ତ ପ୍ରାୟ ଦୁଇ ହଜାର କଇଁଛ କୂଳକୁ ଆସି ନଦୀ ବାଲିରେ ଅଣ୍ଡାଦାନ କରି ଫେରିଯାଆନ୍ତି। କଇଁଛ ଗୁଡିକୁ ସୁରକ୍ଷା ମିଳିଲେ ଆଗାମୀ ଦିନରେ ଜିଲ୍ଲାରେ ମଧୁର ଜଳର କଇଁଛଙ୍କ ସଂଖ୍ୟା ବୃଦ୍ଧିହେବା ସହ ରାଜ୍ୟରେ ମଧୁର ଜଳ କଇଁଛଙ୍କ ପ୍ରମୁଖ ସ୍ଥାନ ହେବ ବ୍ରାହ୍ମଣୀ ନଦୀ। ବନବିଭାଗ ଓ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ କଇଁଛ ଅଣ୍ଡା ସୁରକ୍ଷାକୁ ବିଭିନ୍ନ ମହଲରେ ପ୍ରଶଂସା ମିଳୁଛି। କଇଁଚ ମାନେ ସୁରକ୍ଷିତ ଭାବରେ ଏଠାରେ ଅଣ୍ଡାଦାନ କରୁଥିବାରୁ ପ୍ରତ୍ୟେକ ବର୍ଷଏମାନଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି।



# ଅବ୍ୟବସ୍ଥାରେ ଚାଲିଛି ଡେରାବିଶ ଆଦର୍ଶ ବିଦ୍ୟାଳୟ



- ତଳେ ବସି ପଢୁଛନ୍ତି ଛାତ୍ରଛାତ୍ରୀ
- ଚାରିଆଡେ ଗଦା ହୋଇଛି ବାଲି, ଗୋଡ଼ି

ଡେରାବିଶ, ୨୫।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକରେ ୨୦୨୨ ଶିକ୍ଷା ବର୍ଷରେ ବ୍ଲକ ଅଧୀନସ୍ଥ ଚାଟରାଜକଡ଼ା ପଞ୍ଚାୟତରେ ବନ୍ଦ ହୋଇ ରହିଥିବା ହାପିନେଲକସ୍ଥିତ ଛତାବଟ ବାଳିକା ଉଚ୍ଚବିଦ୍ୟାଳୟରେ ଆରମ୍ଭ ହୋଇଥିଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ଦ୍ୱାରା ଅସ୍ଥାୟୀ ଭାବେ ଆଦର୍ଶ ବିଦ୍ୟାଳୟ ଉଦ୍‌ଘାଟନ ହୋଇଥିଲା। ଏଥିସହିତ ସେହି ବର୍ଷ ଏହି ବିଦ୍ୟାଳୟ ପାଇଁ ବ୍ଲକ ଅଧୀନସ୍ଥ କୁରୁଜଙ୍ଗାଠାରେ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ପକ୍ଷରୁ ୭ କୋଟି ୯୧ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାୟୀ ଗୃହ ନିର୍ମାଣ ପାଇଁ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା। ଅବଧି ଶେଷ ହେବାର ୬ ମାସ ବିତିଲାଣି ଘର କାମ ସରିନି। ସେଠାରେ ୮ଟି କୋଠରୀ ପ୍ରସ୍ତୁତ କରାଯାଇ ଆଦର୍ଶ ବିଦ୍ୟାଳୟକୁ ଛତାବଟ ବାଳିକା ଉଚ୍ଚ ବିଦ୍ୟାଳୟରୁ ସ୍ଥାନାନ୍ତର କରାଯାଇଛି। ୮ଟି କୋଠରୀ ମଧ୍ୟରୁ ୪ଟିରେ ଶ୍ରେଣୀଗୃହ ଚାଲିଥିବା ବେଳେ ଗୋଟିଏ କୋଠରୀରେ ବିଦ୍ୟାଳୟ କାର୍ଯ୍ୟାଳୟ ସହ ଟିଚର୍ସ କମନ୍‌ରୁମ୍, ଅନ୍ୟ ଏକ କୋଠରୀରେ ଷ୍ଟୋର୍‌ରୁମ ଏବଂ ଅନ୍ୟ ଦୁଇଟି କୋଠରୀ ପିଲାଙ୍କ ମଧ୍ୟାହ୍ନ ଭୋଜନ ପାଇଁ ଉଦ୍ଦିଷ୍ଟ ରହିଛି। ବର୍ତ୍ତମାନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୭୦। ପିଲାଙ୍କ ପାଇଁ ବେଞ୍ଚ ଡେସ୍କ ନଥିବାରୁ ତଳେ ବସି ପାଠ ପଢୁଛନ୍ତି। ପିଲାଙ୍କ ବେଞ୍ଚ ଡେସ୍କ ଓ ବିଦ୍ୟାଳୟର ଅନ୍ୟାନ୍ୟ ସରଞ୍ଜାମ ପାଇଁ ବିଦ୍ୟାଳୟ ସଂଗଠନ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ୨୦୨୨ରୁ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଇଛି। ମାତ୍ର ଜିଲ୍ଲା ଶିକ୍ଷାବିଭାଗ କର୍ତ୍ତୃପକ୍ଷଙ୍କ ମେରିରାୟ ନୀତି ଓ ପ୍ରଶାସନିକ ଅବହେଳା ପାଇଁ ପ୍ରାରମ୍ଭରୁ ଏଯାଏ ଦୁର୍ଦ୍ଦଶା ମଧ୍ୟରେ ଛାତ୍ରଛାତୀମାନେ ପଢୁଛନ୍ତି। ଏ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସେହି ପରିସରରେ ଶିକ୍ଷାଦାନ ଚାଲୁଥିବା ବେଳେ ନବନିର୍ମିତ ଗୃହର ନିର୍ମାଣ କାମ ମଧ୍ୟ ଚାଲୁଛି। ଫଳରେ ଚାରିଆଡେ ବାଲି, ଗୋଡି, ସିମେଣ୍ଟ ଗଦା ହୋଇ ରହିଥିବାବେଳେ ଯାତାୟାତରେ ସମସ୍ୟା ସହ କାମବେଳେ ଧୂଳି ଉଡି ପିଲା ଅଣନିଃଶ୍ୱାସୀ ହେଉଛନ୍ତି। ଏନେଇ ଅଭିଭାବକ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏଥିସହିତ ମଧ୍ୟାହ୍ନ ଭୋଜନ ପାଇଁ ନିର୍ମାଣ କରୁଥିବା ଠିକା ସଂସ୍ଥା କର୍ମଚାରୀଙ୍କ ପାଇଁ କରାଯାଇଥିବା ଏକ ଅସ୍ଥାୟୀ ଘର ମଧ୍ୟରେ ରୋଷେଇ କରାଯାଉଛି। ନିର୍ମାଣାଧୀନ ଗୃହ କାର୍ଯ୍ୟ ଦୀର୍ଘଦିନ ହେବ ବନ୍ଦ ହେବା ପରେ ଗତ ଚାରି/ପାଞ୍ଚଦିନ ହେବ ମନ୍ଥର ଗତିରେ ବିଦ୍ୟୁତ୍‌କରଣ କାର୍ଯ୍ୟ ଓ ପ୍ଲାଷ୍ଟର କାର୍ଯ୍ୟ ଆରମ୍ଭ ହୋଇଛି। କେବେ ଏହି ଘର ସମ୍ପୂର୍ଣ୍ଣ ହେବ ଯାହାକୁ ପଚାରିଲେ ଉତ୍ତର ମିଳୁନି। ଏ ବିଷୟରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ଦାସଙ୍କୁ ପଚାରିବାରୁ ଏହି ବିଦ୍ୟାଳୟ ଗୃହ ଶୀଘ୍ର ସାରିବାକୁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ। ତେବେ ଆଦର୍ଶ ବିଦ୍ୟାଳୟ ସଂଗଠନ ପକ୍ଷରୁ ନବନିର୍ମିତ ଗୃହକୁ ତୁରନ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ପାଇଁ କେନ୍ଦ୍ରାପଡ଼ା ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଥିବା ବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ସ୍ୱାଇଁ କହିଛନ୍ତି। ତୁରନ୍ତ ନୂତନ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରାଯିବା, ପିଲାମାନଙ୍କ ପାଇଁ ବେଞ୍ଚ ଡେସ୍କ ଯୋଗାଇଦେବା ସହ ଲାଇବ୍ରେରୀ ଓ ବିଜ୍ଞାନାଗାରର ସୁବିଧା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛନ୍ତି।



## ଚଣ୍ଡୀପୂଜା ଓ ବାଦୀପାଲା ମହୋତ୍ସବ



ଡେରାବିଶ, ୨୫।୨(ସମିସ): ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ବରାଙ୍ଗ (ଇସାଣଦିଆ) ସ୍ଥିତ ମା' ଶାରଳା ଠାକୁରାଣୀଙ୍କ ପୀଠରେ ପଞ୍ଚମ ବାର୍ଷିକ ତ୍ରିଦିବସୀୟ ଚଣ୍ଡୀପୂଜା ଓ ବାଦୀପାଲା ମହୋତ୍ସବ ଆରମ୍ଭ ହୋଇଛି। ମା' ଶାରଳା ସାଂସ୍କୃତିକ ପରିଷଦ ପକ୍ଷରୁ ଅନୁଷ୍ଠିତ ଏହି ପାଲା ମହୋତ୍ସବରେ ପୁରୀ ସାକ୍ଷୀଗୋପଳର ଗାୟିକା ଦିଗଦର୍ଶିକା ସୁଭଦ୍ରା ନାୟକ ଏବଂ ଖୋର୍ଦ୍ଧା ହରିପୁର ଶାସନର ଜ୍ଞାନଶ୍ରୀ ଶ୍ରଦ୍ଧାଞ୍ଜଳୀ ବଳବନ୍ତରାୟଙ୍କ ଦ୍ୱାରା ପରିବେଶିତ ପାଲା ଉପସ୍ଥିତ ଦର୍ଶକଙ୍କୁ ବିମୁଗ୍ଧ କରୁଛି। କାର୍ଯ୍ୟକ୍ରମକୁ ସରୋଜକାନ୍ତ ଦାସ, ଅଭୟ ମିଶ୍ର, ପ୍ରଭାସ ମିଶ୍ର, ଜୟନ୍ତ ସାହୁ ଓ ଶରତ ଜେନା ପ୍ରମୁଖ ପରିଚାଳନା କରୁଛନ୍ତି।

## ନାଟ୍ୟ ଓ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ



ବିରିଡି, ୨୫।୨(ସମିସ): ବିରିଡି ବ୍ଲକ ଅଲାଣ୍ଡୋ ଅନନ୍ତ ବାସୁଦେବ ସାଂସ୍କୃତିକ ଯୁବ ପରିଷଦ ଆନୁକୂଲ୍ୟରେ ଚଳିତ ବର୍ଷର ନାଟ୍ୟ ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନନ୍ତ ବାସୁଦେବ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲା ବିଜୁ ଜନତା ଦଳର ସଭାପତି ରବିନାରାୟଣ ଜେନା ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ସେନସସ ବିଭାଗର ଅବସରପ୍ରାପ୍ତ ଅଧିକାରୀ ବସନ୍ତ ରଞ୍ଜନ ରାୟ ଯୋଗଦେଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପୂଜାର୍ଚ୍ଚନା କରିଥିଲେ। ଗ୍ରାମାଞ୍ଚଳରେ ଏଭଳି ସାଂସ୍କୃତିକ ମଞ୍ଚ ଭାଇଚାରା ସହ ପ୍ରତିଭା ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ। ଉତ୍ସବରେ ନାଟ୍ୟ ନିର୍ଦ୍ଦେଶକ ସ୍ମୃତି ରଞ୍ଜନ ରାଉତ ଓ ଓଡିଶୀ ନୃତ୍ୟଗୁରୁ ନମିତା ମଞ୍ଜରୀ ଉତ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ଅଭିନୀତ ଓ ନାଟ୍ୟକାର ସ୍ମୃତି ରଞ୍ଜନ ରାଉତଙ୍କ ନିର୍ଦ୍ଦେଶନାରେ ନାଟକ କେତେ କାନ୍ଦିବୁରେ କଳା କହ୍ନେଇ ମଞ୍ଚସ୍ଥ ହୋଇଥିଲା। ସେହିପରି ନଟରାଜ କଳା ପ୍ରତିଷ୍ଠାନ ପକ୍ଷରୁ କୁନି କୁନି ପ୍ରତିଭା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଷଦର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ମାନେ ପରିଚାଳନା କରିଥିଲେ।

## ତ୍ରିନାଥ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ବିରିଡି, ୨୫।୨(ସମିସ): ବିରିଡି ବ୍ଲକ ୨୨ ମୌଜା ଗେଲପୁରଠାରେ ଶ୍ରୀ ତ୍ରିନାଥଙ୍କ ନବନିର୍ମିତ ମନ୍ଦିର ଓ ବିଗ୍ରହମାନଙ୍କ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଛି। ଗେଲପୁର ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ ପ୍ରତିଷ୍ଠା ଉତ୍ସବରେ କାର୍ଯ୍ୟସୂଚୀମତେ ଯଥାବିଧି ଅଙ୍କୁରାରୋପଣ, ବିଗ୍ରହମାନଙ୍କ ଗର୍ଭାଧନ, କଳସ ଯାତ୍ରା, ଅଗ୍ନିସ୍ଥାପନ, ମଣ୍ଡଳଧିପୂଜା, ମନ୍ଦିରସ୍ନାନ ଏବଂ ସର୍ବଦେବାଦେବୀ ହୋମ ଆହୂତି କରାଯାଇଥିଲା। ଆସନ୍ତା ୨୭ ତାରିଖ ଦିନ ବିଗ୍ରହମାନଙ୍କ ମନ୍ଦିର ପ୍ରବେଶ ସହ ନୃସିଂହ ମନ୍ତ୍ରରେ ପୂର୍ଣ୍ଣାହୂତି କରାଯିବବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ହିମାଞ୍ଚଳ ବସ୍ତିଆ, କାମଦେବ ବସ୍ତିଆ, ଜୟନ୍ତ ବସ୍ତିଆ, ଭାସ୍କର ବସ୍ତିଆ ମହେଶ୍ୱର ବସ୍ତିଆ, ବଟକୃଷ୍ଣ ବସ୍ତିଆ, ଧରଣୀଧର ବସ୍ତିଆ, ପ୍ରେମାନନ୍ଦ ବସ୍ତିଆଙ୍କ ସହଯୋଗରେ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଦିନ ଅନୁଷ୍ଠିତ ହେଉଥିବା ଭଜନ ସମାରୋହ ଓ ପୂର୍ଣ୍ଣାହୂତି ରେ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗଦେବାକୁ ଅନୁରୋଧ କରାଯାଇଛି।

## ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ

କୁଜଙ୍ଗ, ୨୫।୨(ସମିସ): କୁଜଙ୍ଗ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷା କୌଶଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପଦ୍ମଲୋଚନ ସାହୁଙ୍କ ଅଧ୍ୟକ୍ଷତାରେ ଏହି ଉଦ୍‌ଯାପନ କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକ ଅଧ୍ୟକ୍ଷା ନିନାରାଣୀ ସାହୁ, ସମ୍ମାନୀତ ଅତିଥି ରୂପେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ମହିଳା ମାନେ ପ୍ରଶିକ୍ଷିତ ହୋଇ ଏହାକୁ କାର୍ଯ୍ୟରେ ଲଗାଇଲେ ସେମାନଙ୍କ ପ୍ରତି ବଢୁଥିବା ଅପରାଧ କମିବା ସହ ଅପରାଧ କରିବାକୁ କେହି ସାହସ ଜୁଟାଇ ପାରିବେ ନାହିଁ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବାଲିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ରୋଜାଲିନୀ ଜେନା, ପ୍ରାକ୍ତନ ପ୍ରାଧ୍ୟାପିକା କଳ୍ପନା ବିଶ୍ୱାଳ, ଅଧ୍ୟାପିକା ଜୟନ୍ତୀ କୁମାରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ମଣ୍ଡି ସମ୍ପାଦକଙ୍କୁ ମାଡ଼; ଥାନାରେ ଅଭିଯୋଗ

ଏରସମା, ୨୫।୨(ସମିସ): ଏରସମା ଥାନା ଅନ୍ତର୍ଗତ ସୋମପୁର ପଞ୍ଚାୟତର ଘୋଡାଡିଆ କାଞ୍ଜିଆକଣ ମଣ୍ଡିର ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତିଙ୍କୁ ବାଲିକୁଦା ଥାନା ଅନ୍ତର୍ଗତ ତିତିରା ଗ୍ରାମର ବ୍ରଜ କିଶୋର ମହାନ୍ତି ମାଡ ମାରିଛନ୍ତି ବୋଲି ଏରସମା ଥାନାରେ ଅଭିଯୋଗ ହୋଇଛି। ଖବରରୁ ପ୍ରକାଶ କିଛି ଦିନ ତଳେ ମଣ୍ଡି କାର୍ଯ୍ୟ ଚାଲୁଥିବା ବେଳେ ହଠାତ ଜଣେ ଯୁବକ ମଣ୍ଡି ସମ୍ପାଦକଙ୍କୁ ମାଡ ମାରିବା ସହିତ ବିଭିନ୍ନ ଭାଷାରେ ଗାଳି ଗୁଲଜ କରିଥିଲେ। ତେବେ ଏହାକୁ ନେଇ ପ୍ରତିବାଦ କରିବାରୁ ମଣ୍ଡିର ସମ୍ପାଦକଙ୍କୁ ମାରି ଦେବାକୁ ମଧ୍ୟ ଧମକ ଦେଇଥିଲା ଯୁବକ ବ୍ରଜ କିଶୋର ମହାନ୍ତି। ସେହି ସ୍ଥାନରେ ସୋସାଇଟିର ସଭାପତି ଶାମସୁନ୍ଦର ମୁଦୁଲି ଓ କିଛି ଚାଷୀମାନେ ମଧ୍ୟ ଉପସ୍ଥିତ ଥିଲେ ବୋଲି ଏତଲାରେ ଦର୍ଶା ଯାଇଛି। ତେବେ ଏହାକୁ ନେଇ ମଣ୍ଡିର ସମ୍ପାଦକ ପ୍ରଦିପ୍ତ କୁମାର ମହାନ୍ତି ଏରସମା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଏରସମା ପୁଲିସ ଏକ ପ୍ରକାର ତଦନ୍ତ କରି ମାମଲା ରୁଜୁ କରିଛି ବୋଲି ଥାନା ସୂତ୍ରରୁ ସୂଚନା ମିଳିଛି। ତେବେ ଅନ୍ୟପଟେ ଘଟଣା ଘଟାଇଥିବା ଯୁବକ ଫେରାର ଅଛି ବୋଲି ଯାହା ସାଧାରଣରେ ଜଣାପଡ଼ିଛି।

## ବାଲିତୁଠ ବଡ଼ବୁଦାରୁ ମଦ ଜବତ ସହ ଜଣେ ଗିରଫ

- ୫୫ ଦିନରେ ୨୦ ମାମଲା, ୨୩ ଗିରଫ, ୪୨୦ ଲିଟର ଚୋରା ମଦ ଜବତ

କୁଜଙ୍ଗ, ୨୫।୨(ସମିସ): କୁଜଙ୍ଗ ଥାନା ତଥା ଏରସମା ବ୍ଲକ ବାଲିତୁଠ ପଞ୍ଚାୟତ ବଡବୁଦାରୁ ୩୦ ଲିଟର ଆସ୍କାଫର୍ଟି ଓ ୪୦ ବୋତଲ ମଦ ଜବତ ହୋଇଥିବା ବେଳେ ଜଣେ ବ୍ୟକ୍ତି ସୁଶିଲ ବେହେରାକୁ ଗିରଫ କରାଯାଇଛି। ଏହି ଗିରଫ ବ୍ୟକ୍ତିଙ୍କ ନାମରେ ପୂର୍ବରୁ ୬ଟି ମାମଲା ରହିଥିବା ବେଳେ ଅଭ୍ୟାସ ଗତ ଭାବେ ସେ ଓ ତାଙ୍କ ଭାଇ ଏହି ଚୋରା ବେପାର ଚଳାଇ ଆସୁଥିବା ସୂଚନା ମିଳିଛି। ଗତ ଜାନୁଆରୀରୁ ଏପର୍ଯ୍ୟନ୍ତ କୁଜଙ୍ଗ ପୁଲିସ ୨୦ଟି ଅବକାରୀ ମାମଲାରେ ମୋଟ ୪୨୦ ଲିଟର ମଦ ଜବତ କରିବା ସହ ୨୩ ଜଣଙ୍କୁ ଗିରଫ କରିସାରିଲାଣି।

## କାର୍ ଧକ୍କାରେ ୩ ଗୁରୁତର

ନାଉଗାଁ, ୨୫।୨(ସମିସ): ନାଉଗାଁ ଥାନା ଅନ୍ତର୍ଗତ ବାଲିଭଉଁରୀ ଶିଖର ମୁଖ୍ୟ ରାସ୍ତାର ଖଇରା ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୩ ଜଣ ଆହତ ହୋଇଛନ୍ତି। ସୂଚନା ଅନୁସାରେ ରବିବାର ଅପରାହ୍ନ ୧ଟା ସମୟରେ ଉକ୍ତ ରାସ୍ତାର ଖଇରାସ୍ଥିତ ବାଲୁଙ୍କେଶ୍ୱର ପୀଠ ନିକଟରେ ଜଗତସିଂହପୁର ଥାନା ଅଧିନ କୋଳଥପାଟଣା ଗ୍ରାମର ଜଣେ ଯୁବକ ରାସ୍ତା କଡରେ ନିଜ ମଟରସାଇକେଲ ରଖି ଫୋନରେ କଥା ହେଉଥିବା ସମୟରେ ପଛପଟୁ ଏକ କାର ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେବା ସହିତ ରାସ୍ତା କଡରେ ଥିବା ଏକ ମଣ୍ଡପରେ ପିଟିହୋଇ ରାସ୍ତା ତଳକୁ ଓଲଟି ଯାଇଥିଲା। ଫଳରେ କାର ଭିତରେ ଥିବା ଦୁଇଜଣ ବ୍ୟକ୍ତିଙ୍କ ସହିତ ଜଣେ ବୃଦ୍ଧଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାଯାଇଛି।



## ଜଗନ୍ନାଥ ଟ୍ରକ ମାଲିକ ସଂଘ ନିର୍ବାଚନ
# ସଭାପତି ରାକେଶ, ସମ୍ପାଦକ ବିଶ୍ୱରଞ୍ଜନ

ପାରାଦୀପ, ୨୫।୨(ସମିସ): ପାରାଦୀପ ଜଗନ୍ନାଥ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୮ରୁ ଅପରାହ୍ନ ୩ଟା ମଧ୍ୟରେ ଶାନ୍ତିଶୃଙ୍ଖଳାର ସହ ୫୦୪ ସଦସ୍ୟ ମାନଙ୍କ ମଧ୍ୟରୁ ୪୯୦ ଜଣ ନିଜ ନିଜର ମତ ସାବ୍ୟସ୍ତ କରିଥିଲେ। ଅପରାହ୍ନ ୪ରୁ ନିର୍ବାଚନ ପରିଚାଳନା କମିଟିଙ୍କ ତତ୍ତ୍ୱାବଧାନରେ ଭୋଟ ଗଣତି ହୋଇଥିଲା। ସନ୍ଧ୍ୟ ୬ଟାରେ ଫଳାଫଳ ଘୋଷଣା କରାଯାଇଥିଲା। ଫଳାଫଳ ଘୋଷଣା ପରେ ଗୋଟିଏ ପ୍ୟାନେଲର ୬ରୁ ୬ଜଣ କର୍ମକର୍ତ୍ତାଙ୍କୁ ସଫଳତା ମିଳିଥିଲା। ସଭାପତି ଭାବେ ରାକେଶ କୁମାର ଜେନାଙ୍କୁ ୨୭୫ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଛଇଳ ଚନ୍ଦ୍ର ଜେନାକୁ ୨୦୮ ଖଣ୍ଡ ଭୋଟ ମିଳିଥିଲା। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ବିଜୟ କୁମାର ପରିଡ଼ାଙ୍କୁ ୨୮୩ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଗୌତମ କୁମାର ନାୟକଙ୍କୁ ୨୦୩ ଖଣ୍ଡ ଭୋଟ ମିଳିଥିଲା। ଉପସଭାପତି ଭାବେ ସରୋଜ ମହାପାତ୍ରଙ୍କୁ ୨୯୬ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରକାଶ କୁମାର ଜେନାଙ୍କୁ ୧୯୨ ଖଣ୍ଡ ଭୋଟ ମିଳିଥିଲା। ସମ୍ପାଦକ ଭାବେ ବିଶ୍ୱ ରଞ୍ଜନ ପଲାଇଙ୍କୁ ୩୦୦ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମନୋଜ କୁମାର ସ୍ୱାଇଁଙ୍କୁ ୧୮୪ ଖଣ୍ଡ ଭୋଟ ମିଳିଥିଲା। ସହ- ସମ୍ପାଦକ ଭାବେ ସୁଧୀର କୁମାର ଜେନାଙ୍କୁ ୩୮୮ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସୁନାକର ମହାନ୍ତିଙ୍କୁ ୧୦୦ ଖଣ୍ଡ ଭୋଟ ମିଳିଥିଲା। କୋଷାଧ୍ୟକ୍ଷ ଭାବେ ମାନସ ପାତ୍ରଙ୍କୁ ୨୯୩ ଖଣ୍ଡ ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ମନୋଜ କୁମାର ବିଶ୍ୱାଳଙ୍କୁ ୧୭୯ ଖଣ୍ଡ ଭୋଟ ମିଳିଥିଲା। ନିର୍ବାଚନ ପରିଚାଳନା କମିଟି ପକ୍ଷରୁ ଜ୍ଞାନେନ୍ଦ୍ର ମହାନ୍ତି ଓ କୃଷ୍ଣଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ।



## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବାଲିକୁଦା, ୨୫।୨(ସମିସ): ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ନେହୁରୁ ଯୁଥ ଆଣ୍ଡ ସ୍ପୋର୍ଟ୍ସ ଆସୋସିଏସନ ବଘେଇପୁର ଆନୁକୂଲ୍ୟରେ ୨୮ ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ତଟିନୀ ସ୍ୱାଇଁ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦଘାଟନୀ ମ୍ୟାଚରେ ଟସ ଜିତି ବାବା ସ୍ୱପ୍ନେଶ୍ୱର କ୍ରିକେଟ କ୍ଲବ ବ୍ରାହ୍ମଣ୍ଡୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୪୪ ରନ କରିଥିଲା। ୪୫ ରନର ବିଜୟ ଲକ୍ଷ୍ୟକୁ ପିଛା କରି ଗାଦିବ୍ରହ୍ମ କ୍ରିକେଟ କ୍ଲବ ଅପଣ୍ଡରା ମାତ୍ର ୩ ଉଇକେଟ ହରାଇ ୫.୪ ଓଭରରେ ବିଜୟୀ ହୋଇ ପ୍ରଥମ ଦଳ ଭାବେ ସେମିରେ ପ୍ରବେଶ କରିଥିଲା। ମ୍ୟାଚରେ ଅମ୍ପାୟାର ଭାବେ ହାପିନା ଜେନା ଓ ବିଚିତ୍ରାନନ୍ଦ ମୁଦୁଲି ଦାୟିତ୍ୱ ତୁଲାଇଥିବାବେଳେ ସ୍କୋରିଂରେ ଜ୍ଞାନ ଲେଙ୍କା ଓ ସୌମ୍ୟରଞ୍ଜନ ମୁଦୁଲି ସହାୟତା କରିଥିଲେ। ମ୍ୟାଚର ସମସ୍ତ ଧାରାବିବରଣୀ ବବୁଲ ପରିଡ଼ା ଓ ପିଣ୍ଟୁ ମହାରଣା ପ୍ରଦାନ କରିଥିଲେ।

## ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ବନ୍ଧୁମିଳନ

ପାରାଦୀପ, ୨୫।୨(ସମିସ): ପାରାଦୀପ ଶିଳ୍ପାଞ୍ଚଳର ଅଗ୍ରଣୀ ଶ୍ରମିକ ସଂଗଠନ 'ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ଜିରୋ ପଏଣ୍ଟସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରମିକ ସଂଘର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସଙ୍ଘ ର ଉପ-ସଭାପତି ଚିନ୍ମୟ ଦାସ। ମୁଖ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ପ୍ରଫେସର ହିମାଂଶୁ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଲଳିତ ମୋହନ ମିଶ୍ର, ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ମନୋରଞ୍ଜନ ଦାସ, ଆଇନ ପରାମର୍ଶଦାତା ଦେବବ୍ରତ ସାହୁ, ସଂଘର ଉପଦେଷ୍ଟା ଅମୀୟ କୁମାର ଦାସ, ସାଧାରଣ ସମ୍ପାଦକ ତାପସ ପଲାଇ, ଉପସଭାପତି ବିକ୍ରମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପାରାଦୀପ ଭାରତ ବର୍ଷର ଅର୍ଥନୈତିକ ମୁଖଶାଳା। ଆଗାମୀ ୧୫ ବର୍ଷ ମଧ୍ୟରେ ପାରାଦୀପକୁ ବହୁ ବଡ଼ ବଡ ଶିଳ୍ପ ଆସି ପ୍ରତିଷ୍ଠିତ ହେବେ। ଏଠାରେ ହଜାର ହଜାର ନିଯୁକ୍ତି ମିଳିବ। ତେଣୁ ଶ୍ରମିକ ସଂଗଠନ ସହିତ ସୁ ସମ୍ପର୍କ ରଖିବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘର ବିଭିନ୍ନ ଲୋକ କଲ୍ୟାଣ କାର୍ଯ୍ୟକ୍ରମ ଏବଂ ସ୍ଥାନୀୟ ଲୋକଙ୍କ ସୁଖ ସୁବିଧା ଓ ନିଯୁକ୍ତି ପାଇଁ କିପରି କାର୍ଯ୍ୟ କରୁଛି ତାହାର ଉଚ୍ଚ ପ୍ରଶଂସା କରିବା ସହିତ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କର ନେତୃତ୍ୱକୁ ଉଚ୍ଚ ପ୍ରଶଂସା କରିଥିଲେ। ଏଥିରେ ପାରାଦୀପ ଶିଳ୍ପାଞ୍ଚଳର ହଜାର ହଜାର ଶ୍ରମିକ ଭାଇ ଓ ସେମାନଙ୍କ ପରିବାର ଓ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସଂଘର ବରିଷ୍ଠ ସଭ୍ୟ ନିରଞ୍ଜନ ସାମଲ।



## ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ବୈଠକ
# ୨୪ ଘଣ୍ଟା ନିରାମୟ କେନ୍ଦ୍ର ଖୋଲିବାକୁ ଦାବି

ରଘୁନାଥପୁର, ୨୫।୨(ସମିସ): ରଘୁନାଥପୁର ବ୍ଲକ ସଭାକକ୍ଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀକଲ୍ୟାଣ ସମିତିର ସଭାପତି ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ଚଳିତବର୍ଷ ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୂର୍ବ ବିବରଣୀ ପାଠ କରିଥିଲେ ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା ରୀତା ସିଂହ। ଚଳିତବର୍ଷର ଖର୍ଚ୍ଚ ବିବରଣି ନିଖିଳ ସ୍ୱାଇଁ ପାଠ କରିବାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଠକରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ବିଡିଓ ନମିତା ବାରିକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ସୁକାନ୍ତ କୁମାର ଦଳାଇ, ମନୋନୀତ ସଭ୍ୟ ରଘୁନାଥପୁର ଜୋନ-୧ର ଜିଲ୍ଲା ପରିଷଦ ରିନାରାଣୀ ମଲ୍ଲିକ, ଜୋନ-୨ ଇତିଶ୍ରୀ ମଲ୍ଲିକ, ସରିତ ମହାପାତ୍ର, ଆଶିଷ ଚକ୍ରବର୍ତ୍ତୀ, ସିଡିପିଓ ତୃପ୍ତିଲତା ମହାନ୍ତି, ଡା. ବିଶ୍ୱରଞ୍ଜନ ସ୍ୱାଇଁ, ଡା. ପ୍ରଭାସ ରଞ୍ଜନ ସ୍ୱାଇଁଙ୍କ ଉପସ୍ଥିତିରେ ରୋଗୀକଲ୍ୟାଣ ବୈଠକରେ ଚଳିତବର୍ଷ ପ୍ରଥମ ଅଧିବେଶନର ଆଲୋଚନା ହୋଇଥିଲା। ସଭ୍ୟ ସରିତ ମହାପାତ୍ର କହିଲେ ରୋଗୀଙ୍କ ସୁବିଧା ପାଇଁ ୨୪ ଘଣ୍ଟା ନିରାମୟ କେନ୍ଦ୍ର ଖୋଲିବା, ଡାକ୍ତରମାନେ ପ୍ରତିଦିନ ପାଳିକରି ଡ୍ୟୁଟି ନକରି ମେଡିକାଲରେ ନିଯୁକ୍ତି ହୋଇଥିବା ୯ଜଣ ଡାକ୍ତର ଡ୍ୟୁଟି କରିବା, ସମସ୍ତ ଡାକ୍ତରଙ୍କର ନାମ ସହିତ ମୋବାଇଲ ନମ୍ବର ଉଲ୍ଲେଖ କରିବା, ରାତିରେ ୨ଜଣ ଡାକ୍ତର ସହିତ ୨ ଜଣ ଷ୍ଟାଫନର୍ସ ଡ୍ୟୁଟିରେ ରହିବା, ଡାକ୍ତର ଓ କର୍ମଚାରୀ ମାନଙ୍କ ପାଇଁ ବାୟୋମେଟ୍ରିକ ମେସିନ ବାଧ୍ୟତାମୂଳକ କରିବା, ମେଡିକାଲ ପରିସର ନଳକୂପରୁ ଆଇରନ ପାଣି ବାହାରୁଥିବାରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଥିଲେ। ସଭ୍ୟ ଆଶିଷ ଚକ୍ରବର୍ତ୍ତୀ ମେଡିକାଲରେ ବିପି ମେସିନ ଓ ଇସିଜି ଆବଶ୍ୟକ ବୋଲି ପ୍ରସ୍ତାବ ରଖିଥିଲେ। ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନେ ମେଡିକାଲରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ସହିତ ଟ୍ରମାକେୟାର ସେଣ୍ଟର ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ବିଧାୟକ ସମସ୍ତ ଘଟଣାକୁ ଅନୁଧ୍ୟାନ କରି ସଭାପରେ ମେଡିକାଲ ପରିସର ବୁଲି ସମସ୍ତ ସମସ୍ୟାର ସମାଧାନ ସମ୍ପର୍କରେ ମେଡିକାଲ ଅଧ୍ୟକ୍ଷ ଡା. ସୁକାନ୍ତ ଦଳାଇଙ୍କ ସହ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସ୍ୱାସ୍ଥକର୍ମୀ ତୃପ୍ତିମୟୀ ମହାପାତ୍ର, ଶିକ୍ଷକ ବିରୁପାକ୍ଷ ସେଠିଙ୍କ ସମେତ ରୋଗୀକଲ୍ୟାଣ ସମିତିର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ।



